## ସଂକ୍ଷେପରେ

### କରାଟେ ପ୍ରତିଯୋଗିତା

**ବାରିପଦା ଅଫିସ,୯।୧:** ବାରିପଦାର କରାଟେ ସଂଘ ଆନୁକୂଲ୍ୟରେ ଜିଲାସ୍ତରୀୟ ଦୁଇ ଦିନିଆ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଫୁଲ୍ଲନଗର ସ୍ଥିତ ସେଣ୍ଟ ଆନସ କନଭେଣ୍ଟ ସ୍କୁଲର ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ଉଜ୍ଜଳ ତିରିଆ, ଆୟୂଷ ରଞ୍ଜନ ବେହେରା, ରାହୁଲ ସିଂ, ଜୟ କ୍ରୀଷ୍ଣା ଧଳ, ଜ୍ୟୋତିରାଣୀ ମହାନ୍ତି, ନୀଳିମା ମାଇତ ପ୍ରମୁଖ ବିଭିନ୍ନ ପର୍ଯ୍ୟାୟରେ ଉଚ୍ଚ ମାନର କରାଟେ ପ୍ରଦର୍ଶନ କରି କୃତ କାର୍ଯ୍ୟ ହେବା ସହ ସେମାନଙ୍କୁ ପୁରସ୍କୃତ କରାଯାଇଛି। ଏନେଇ ବିଦ୍ୟାଳୟର ଅଧକ୍ଷା ସିଷ୍ଟର ଆନି ଯୋଶେଫ ଏବଂ ବିଦ୍ୟାଳୟର କରାଟେ ପ୍ରଶିକ୍ଷକ ପ୍ରଦୀପ କୁମାର ଦେ ପ୍ରମୁଖ କୃତି ପିଲାମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଚୋରି ଅଭିଯୋଗରେ ଜଣେ ଗିରଫ

**ବାରିପଦା ଅଫିସ,୯।୧:** ବାରିପଦା ତକତପୁର ଅଞ୍ଚଳର ସେଖ ମଫିଜୁଲଙ୍କୁ ଛେଳି ଚୋରି ଅଭିଯୋଗରେ ବୁଧବାର ବାରିପଦା ଟାଉନ ଥାନା ପୋଲିସ ଗିରଫ କରିଛି। ଏ ନେଇ ବାରିପଦା ଟାଉନ ଥାନାରେ ଏକ ମାମଲା(ନଂ.୬/୧୯) ରୁଜୁ ହୋଇଛି। ବାରିପଦା ସହର ଅମ୍ବିକା ସାହି ଅଞ୍ଚଳରୁ ଏକ ଛେଳିକୁ ମଫିଜୁଲ ନେଇ ଯାଉଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କ ଧରି ପିସିଆରକୁ ହସ୍ତାନ୍ତର କରିଥିଲେ।

### ମା’ ଗଡ଼ଚଣ୍ଡୀଙ୍କ ବାର୍ଷିକ ଉତ୍ସବ

**ବଡ଼ସାହି,୯।୧(ସ୍ୱ.ପ୍ର):** ବଡ଼ସାହି ବ୍ଲକ ଅଧୀନ ଚେଙ୍ଗୁଆ ଗ୍ରାମରେ ପୂଜା ପାଉଥିବା ମା’ ଗଡ଼ଚଣ୍ଡୀଙ୍କର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନ ଧରି ଚାଲିଥିବା ଉତ୍ସବକୁ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସିକା ମାହେଶ୍ୱରୀ ସେଠୀ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ୨୦୧୮ ବର୍ଷରେ ଗ୍ରାମର ୨ ପ୍ରତିଭାଧାରୀ ଯୁବକ ଶଶିକାନ୍ତ ଜେନା ଓ ଇନ୍ଦ୍ରଜିତ ଗାୟା ଚାକିରୀରେ ଯୋଗଦେଇଥିବାରୁ ଉଭୟଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଯୁବନେତା ସତ୍ୟବ୍ରତ ମିଶ୍ର ଓ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ମହାର୍ଣ୍ଣା ଯୋଗଦେଇଥିଲେ।

# ମକର ଲାଗି ବଢୁଛି ଉତ୍ସାହ

**ବଡ଼ସାହି,୯।୧(ସ୍ୱ.ପ୍ର.)**

**ବଡ଼ସାହି ବ୍ଲକ**
- ଆରମ୍ଭ ହେଲାଣି ପ୍ରସ୍ତୁତି, ଜମୁଛି ଭିଡ଼
- ଭାଇଚାରାର ସମ୍ପର୍କ ଯୋଡ଼ିଥାଏ
- ମାଦଳ ତାଳରେ ଝୁମିବେ ଆଦିବାସୀ



ମୟୂରଭଞ୍ଜ ଜିଲାର ଗଣପର୍ବ ଭାବେ ପରିଚିତ ମକର ପର୍ବକୁ ଆଉ ୫ଦିନ ରହିଲା। ଗାଁଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଏଥି ନିମନ୍ତେ ଆରମ୍ଭ ହେଲାଣି ପ୍ରସ୍ତୁତି। ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାର ମକର ପର୍ବରେ ଆଦିବାସୀ ଜୀବନଶୈଳୀ ଓ ପରମ୍ପରାର ଛାପ ଅଧିକ ଦେଖିବାକୁ ମିଳେ। ମକର ବେଳକୁ ପ୍ରାୟତଃ ଚାଷ କାମ ଶେଷ ହୋଇ ଅମଳ ସରିଯାଇଥାଏ। ତେଣୁ ପରିବାର ଲୋକଙ୍କ ସମେତ ବନ୍ଧୁବାନ୍ଧବଙ୍କ ସହ ଏହାକୁ ପାଳନ କରିବାକୁ ଆଦିବାସୀ ସମ୍ପ୍ରଦାୟ ଲୋକେ ବେଶ ଆଗ୍ରହର ସହ ଅପେକ୍ଷା କରିଥାନ୍ତି। ଏହି ପର୍ବ ବନ୍ଧୁ ମିଳନ ସହିତ ଭାଇଚାରାର ସମ୍ପର୍କ ଯୋଡ଼ିଥାଏ।

ମକର ପାଳନ ନିମନ୍ତେ ଜିଲାର ବଡ଼ସାହି ବ୍ଲକର ଗାଁ ଗଣ୍ଡା ଏବେଠାରୁ ତିଳଉ ଓ ଆରିସା ପିଠାର ମହକରେ ମହକି ଉଠୁଛି। ନୂଆ ଲୁଗା ପରିଧାନ କରି ମକର ଚାଉଳ, ପିଠାପଣା ଓ ସୁଆଦିଆ ଖାଦ୍ୟରେ ପର୍ବକୁ ପାଳନ କରିବା ପାଇଁ ଲୋକମାନେ ପ୍ରସ୍ତୁତି ଆରମ୍ଭ କରିଦେଲେଣି। ମକର ପର୍ବ ଦିନ ଘରେ ମାଂସ,ଭାତ, ପିଠାପଣା ଆଦି ଖାଇବାକୁ ବନ୍ଧୁବାନ୍ଧବଙ୍କ ଭିଡ଼ ହୋଇଥାଏ। ନୂଆବସ୍ତ୍ର ସାଙ୍ଗକୁ ମାଟି ତିଆରି ନୂଆ ହାଣ୍ଡି, ବାସନକୁସନ, ବାଉଁଶ ତିଆରି କୁଲା, ପାଛିଆ, ଘର ସାମଗ୍ରୀ ଜିନିଷ କିଣିବା ପାଇଁ ଗୃହିଣୀମାନେ ଚିଠା ପ୍ରସ୍ତୁତ କଲେଣି। ପର୍ବ ପାଳନ ପାଇଁ ସ୍ଥାନୀୟ ବଜାରରେ ଭିଡ ଆରମ୍ଭ ହେଲାଣି। ହାଟଗୁଡ଼ିକରେ ବସୁଥିବା ଲୁଗା, ଷ୍ଟେଶନାରୀ, ଗୁଡ, ଶୁଖୁଆ ଆଦି ଦୋକାନରେ ଭିଡ଼ ଜମୁଥିବା ଦେଖାଯାଇଛି। ବନ୍ଧୁବାନ୍ଧବ, ସାଙ୍ଗସାଥୀ ଓ ସାହିପଡ଼ିଶାଙ୍କୁ ଆମନ୍ତ୍ରଣ କରି ଏକ ସଙ୍ଗରେ ଏହି ପର୍ବର ମଜା ଉଠାଇବା ପାଇଁ ସମସ୍ତେ ବ୍ୟଗ୍ର ହେଲେଣି। ବିଭିନ୍ନ ସ୍ଥାନରେ ମକରମେଳା ବସୁଥିବାରୁ ଦୂରଦୂରାନ୍ତରୁ ଆସୁଥିବା ପ୍ରିୟ ପରିଜନଙ୍କ ସହ ଭାବର ଆଦାନ ପ୍ରଦାନ ହୋଇଥାଏ। ଆଦିବାସୀ ଯୁବତୀଯୁବକମାନେ କାନ୍ଧକୁ କାନ୍ଧ ମିଳାଇ ମାଦଳର ତାଳେ ତାଳେ ନୃତ୍ୟ କରିବା ଏକ ନିଆରା ପରମ୍ପରା। ସେହିପରି ମକର ସଂକ୍ରାନ୍ତି ପୂର୍ବ ଦିନ କୁଡୁମୀ ସମ୍ପ୍ରଦାୟର ଯୁବତୀମାନେ ଟୁସୁ ଦେବୀଙ୍କ ପୂଜାର୍ଚ୍ଚନା କରିବା ପାଇଁ ପ୍ରସ୍ତୁତି ଜୋରଦାର ଚଳାଇଛନ୍ତି। କୁଆଁରୀ ଯୁବତୀମାନେ ଟୁସୁ ମୂର୍ତ୍ତି କିଣିବା ପାଇଁ ହାଟ ଓ ବଜାରରେ ଭିଡ ଜମାଇଛନ୍ତି। ଆଖପାଖ ଅଞ୍ଚଳରେ ବସୁଥିବା ମେଳା ପାଇଁ କମିଟି ପକ୍ଷରୁ ପ୍ରସ୍ତୁତି ଚାଲିଛି। ସିଂହଟିଆ ଗ୍ରାମର ବାବା ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶହେ ବର୍ଷରୁ ଊର୍ଦ୍ଧ୍ୱ ହେବ ମକରମେଳା ପାଇଁ କମିଟି ପକ୍ଷରୁ ଆୟୋଜନ ଚାଲିଛି। ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତି ପାଇଁ ତତ୍ପରତା ପ୍ରକାଶ ପାଉଛି। ସେହିପରି ମକର ପର୍ବରେ ତିଳଉ ଓ ଆରିସା ପିଠାର ଚାହିଦା ବେଶି ଥିବାରୁ ଗାଁ ଗଣ୍ଡାରେ ଏହାର ପ୍ରସ୍ତୁତି ଚାଲିଛି। ଏହାର ମହକରେ ଗାଁଦାଣ୍ଡ ମହକି ଯାଉଛି। ବଡ଼ସାହି ଗ୍ରାମର ତିଳଉ ପ୍ରସ୍ତୁତକାରୀ ଶ୍ରୀଧର ସାହୁ କହନ୍ତି, ଚକି ଗୁଡରେ ଏହାକୁ ପ୍ରସ୍ତୁତ କରାଯାଇଥାଏ। ଗୁଡ଼କୁ ନିଆଁରେ ବସାଇ ସ୍ୱତନ୍ତ୍ର ପାଗ ହେବା ପର୍ଯ୍ୟନ୍ତ ଗରମ କରାଯାଇଥାଏ। ପରେ ତାକୁ ଏକ ଚକି ସାହାଯ୍ୟରେ ଗୋଲ ଗୋଲ କରି ଶୁଖାଇବାକୁ ପଡ଼ିଥାଏ। ଶୁଖିବା ପରେ ଏହାକୁ ଏକ ସ୍ୱତନ୍ତ୍ର କାଠ ଯୋଗେ ପ୍ରସ୍ତୁତ କରାଯାଇଥାଏ। ପରେ ଛୋଟ ଛୋଟ ଗୋଲି ତିଆରି କରି ଚୁଲିରେ ଏହାକୁ ଗରମ କରି ଶୁଖାଯାଇଥାଏ। ଏହାର ସ୍ୱାଦରେ ଭିନ୍ନତା ଥିବାରୁ ଲୋକେ ଏହାକୁ ବହୁମାତ୍ରାରେ ପସନ୍ଦ କରିଥାନ୍ତି। ବର୍ଷକୁ ୫ କୁଇଣ୍ଟାଲରୁ ଅଧିକ ତିଳଉ ବଜାରେ ବିକ୍ରି କରି ଭଲ ଦୁଇ ପଇସା ରୋଜଗାର ହୋଇଥାଏ ବୋଲି ପ୍ରସ୍ତୁତକାରୀମାନେ ପ୍ରକାଶ କରିଛନ୍ତି।



ବୈଠକରେ ଉପସ୍ଥିତ କଂଗ୍ରେସ ଦଳର କର୍ମକର୍ତ୍ତା।

## ‘ପଶ୍ଚିମ ମୟୂରଭଞ୍ଜ ଜିଲା ମାନ୍ୟତା ଦିଅ’

**ରାଇରଙ୍ଗପୁର,୯।୧(ଡି.ଏନ.ଏ.)**

ରାଇରଙ୍ଗପୁର ଡାକବଙ୍ଗଳା ପରିସରରେ ବୁଧବାର ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀ କଂଗ୍ରେସ ଦଳ ପକ୍ଷରୁ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପଶ୍ଚିମ ମୟୂରଭଞ୍ଜ ଜିଲା ମାନ୍ୟତା ଦାବି ଜୋର ଧରିଥିଲା। କଂଗ୍ରେସ ଦଳର ବରିଷ୍ଠ ନେତା ମନରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଦଳୀୟ ଜିଲା କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ସାହୁ, ଉପସଭାପତି ଗୋଲକ ବିହାରୀ ମହାନ୍ତି, ପ୍ରାକ୍ତନ ବିଧାୟକ ଶ୍ୟାମଚରଣ ହାଁସଦା, ସାଧାରଣ ସମ୍ପାଦକ ବିଶ୍ୱନାଥ ଦାସ ଏବଂ ଯୁବକଂଗ୍ରେସ ନେତା ଅଭିଷେକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଶୃଙ୍ଖଳା ସୃଷ୍ଟି କରୁଥିବା ଦଳର କର୍ମକର୍ତ୍ତାଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ପଦକ୍ଷେପ ନିଆଯିବ ବୋଲି ଆଲୋଚନା କରାଯାଇଛି। ଏଥିସହ ଆଗାମୀ ୨୫ ତାରିଖରେ କଂଗ୍ରେସ ଅଧ୍ୟକ୍ଷ ରାଉଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ଅବସରରେ ରାଇରଙ୍ଗପୁରକୁ ପଶ୍ଚିମ ମୟୂରଭଞ୍ଜ ଜିଲା ମାନ୍ୟତା ଦାବିପତ୍ର ପ୍ରଦାନ ସକାଶେ ପ୍ରସ୍ତାବ ଗୃହୀତ କରାଯାଇଥିଲା। ଏହି ବୈଠକରେ ଦଳୀୟ ସମିତିସଭ୍ୟ ଉପେନ୍ଦ୍ର ମଣ୍ଡଳ, ତିରିଙ୍ଗ ବ୍ଲକ ଅଧ୍ୟକ୍ଷ ଭାଗିରଥି ପାତ୍ର, ଯାମଦା ବ୍ଲକ ଅଧ୍ୟକ୍ଷ ଶିବନାଥ ଟୁଡୁ, ଯୁବନେତା ଏବଂ ଛାତ୍ର ମୋନଜ ଦାସ, ଶିଶୁପଦ ମହାନ୍ତ, ବିଜୟ ଭୂଷଣ ମହାନ୍ତି ଏବଂ ଶ୍ୟାମସୁନ୍ଦର ଦାସଙ୍କ ସମେତ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଜୋନାଲର ସଭାପତି ଏବଂ ଯୁବକର୍ମୀ ଯୋଗ ଦେଇଥିଲେ।

## ‘ଆମେ ୮୦’ ପକ୍ଷରୁ ରୋଗୀଙ୍କୁ ଗଦି ପ୍ରଦାନ

**ବାରିପଦା ଅଫିସ,୯।୧**

ଆମେ ୮୦ ମାଟ୍ରିକ ବ୍ୟାଚ ପକ୍ଷରୁ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲରେ ବେଡ ଅଭାବରୁ ତଳେ ଶୋଇ ଚିକିତ୍ସିତ ହେଉଥିବା ରୋଗୀଙ୍କ ଉଦ୍ଦେଶ୍ୟରେ ୧୦୦ ଟି ଗଦି ପ୍ରଦାନ କରାଯାଇଛି। ବୁଧବାର ଜିଲାପାଳ ବିନିତ ଭରଦ୍ୱାଜଙ୍କ ଉପସ୍ଥିତିରେ ‘ଆମେ ୮୦’ର କର୍ମକର୍ତ୍ତା ମେଡିକାଲ କର୍ତ୍ତୃପକ୍ଷଙ୍କୁ ଉପରୋକ୍ତ ସାମଗ୍ରୀ ପ୍ରଦାନ କରିଥିଲେ। ଜିଲାପାଳ ଭରଦ୍ୱାଜ ଯୁବ ପିଢ଼ୀଙ୍କୁ ଏହା ଉତ୍ସାହିତ କରିବ ବୋଲି କହିଥିଲେ। ଏହି ଅବସରରେ ବାରିପଦା ତହସିଲଦାର ବିଶ୍ୱରଞ୍ଜନ ମହାନ୍ତି, ଆଇନଜୀବି ସତ୍ୟବ୍ରତ ଦାଶ, ଅଧ୍ୟାପକ ଶୁଭେନ୍ଦୁ ଦାସ, କୃଷି ବିଶେଷଜ୍ଞ ଡ. ମନୋଜ ଚାନ୍ଦ, କେଦାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରବଳ ଶୀତରେ ବାରଣ୍ଡା କିମ୍ବା ତଳେ ଶୋଇ ଚିକିତ୍ସିତ ହେଉଥିବା ରୋଗୀଙ୍କ ସୁବିଧା ପାଇଁ ଏପରି ପଦକ୍ଷେପ ନିଆଯାଇଥିବା ଉକ୍ତ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।



କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

### ମୃତ ସାଙ୍ଗଙ୍କ ଜନ୍ମଦିନ ପାଳନ

**ବାରିପଦା ଅଫିସ,୯।୧**

ଗତ ବର୍ଷ ଜୁନରେ ଏକ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବାରିପଦା ବିଜୟ ରାମଚନ୍ଦ୍ରପୁର ଇଞ୍ଜିନିୟରିଂ ଛାତ୍ର ଶିବନ ମାରାଣ୍ଡିଙ୍କ ଜନ୍ମଦିନ ସ୍ଥାନୀୟ ଏକ ଭିନ୍ନକ୍ଷମ ବିଦ୍ୟାଳୟରେ ପାଳିତ ହୋଇଯାଇଛି। ଶିବନଙ୍କ ସାଙ୍ଗ ମାନେ ତାଙ୍କ ସ୍ମୃତିରେ ରଘୁନାଥପୁର ସ୍ଥିତ ମାନସିକ ଓ ଭିନ୍ନକ୍ଷମ ବିଦ୍ୟାଳୟରେ ଏହି ଦିବସ ପାଳନ କରି ଗୋଟିଏ ଦିନ ଉକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହିତ ବିତାଇଛନ୍ତି। ମୃତ ଶିବନଙ୍କ ମା’ ପ୍ରଣତି ମୁର୍ମୁ ଓ ବାପା ବଳଭଦ୍ର ମାଝୀ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଭବାନୀ ଶଙ୍କର ଧଡା, ସାଗର ନାଏକ, ଗବଦୁଲ ମୁର୍ମୁ, ମନୋଜ ମୁର୍ମୁ, ସାହିଲ ସୋରେନ ଓ କମଳ ଧଳ ପ୍ରମୁଖ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

## ସନାତନପୁର ହେଲା ଖୋଲା ଶୌଚମୁକ୍ତ ଗ୍ରାମ

**ଖୁଣ୍ଟା,୯।୧(ଡି.ଏନ.ଏ.)**

ଖୁଣ୍ଟା ବ୍ଲକ ଅଧୀନ ବାସିପିଠା ପଞ୍ଚାୟତର ସନାତନପୁର ଗ୍ରାମକୁ ସ୍ୱଚ୍ଛ ମଳମୁକ୍ତ ଗ୍ରାମ ଭାବେ ଘୋଷଣା କରାଯାଇଛି। ସନାତନପୁର ଗ୍ରାମ ମଣ୍ଡପଠାରେ ଆୟୋଜିତ ସଭାରେ ସରପଞ୍ଚ ସରସ୍ୱତୀ ମର୍ଣ୍ଡି ଏହି ଘୋଷଣା କରିଥିଲେ। ଏହି ସଭାରେ ବିଡ଼ିଓ ଦେବଦତ୍ତ ପଣ୍ଡା ,ଜଳ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ନାରାୟଣ ପ୍ରସାଦ ଗାନ୍ଧୀ ,ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଅକ୍ଷୟ କୁମାର ବେହେରା, ଜଳ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ସରୋଜ କୁମାର ଦୁଆରୀ ,କନିଷ୍ଠ ଯନ୍ତ୍ରୀ ମାର୍କଣ୍ଡ ମର୍ଣ୍ଡି ,ଜିଲା ସଂଯୋଜକ ଚନ୍ଦନ ଗୋରେଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅଧିକାରୀ ମାନେ ଦୈନିକ ପାଇଖାନା ବ୍ୟବହାର କରିବାକୁ ଗ୍ରାମବାସୀଙ୍କୁ ଶପଥ କରାଇଥିଲେ। ଉକ୍ତ ଗ୍ରାମରେ ୫୩ ପରିବାର ପାଇଁ ୫୩ ଗୋଟି ପାଇଖାନା ନିର୍ମାଣ ହୋଇଛି। ଏହାବ୍ୟତୀତ ୪ ଗୋଟି ନଳ କୂପ ଓ ୨ଗୋଟି ଖୋଲା କୂପ ର ବ୍ୟବସ୍ଥା ରହିଛି। ସେଥି ମଧ୍ୟରୁ ଗୋଟିଏ ନଳକୂପରେ ସୌର ଶକ୍ତି ପମ୍ପ ସଂଯୋଗ କରାଯାଇଥିବା ବେଳେ ଅନ୍ୟ ୩ ଗୋଟି ନଳକୂପ ରେ ସୌରଶକ୍ତି ପମ୍ପ ସଂଯୋଗ କରିବା ପାଇଁ ଗ୍ରାମବାସୀ ଦାବି ଜଣାଇଛନ୍ତି।

## ଭଦ୍ରକ

### ଶିକ୍ଷାବିତ୍ ପ୍ରେମାନନ୍ଦଙ୍କ ସ୍ମୃତିଚାରଣ



**ଧାମନଗର, ୯।୧ (ଡି.ଏନ.ଏ.):** ଧାମନଗର ବ୍ଲକ ଧୁଷୁରୀ ନିକଟସ୍ଥ ପଣ୍ଡାପାଟଣା ଗ୍ରାମର ଆଦର୍ଶ ଇଂଲିଶ ଶିକ୍ଷକ ଏବଂ ପ୍ରଖ୍ୟାତ ପାଲାଗାୟକ ପ୍ରେମାନନ୍ଦ ପତିଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଧୁଷୁରୀ ପୁଜ୍ୟପୂଜା ସଂସଦ ଏବଂ ପୁରାତନ ଛାତ୍ରସଂସଦ ତରଫରୁ ବୁଧବାର ସନ୍ଧ୍ୟାରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସଭା ହୋଇଥିଲା। ମୁରଲୀଧର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ହୋତାଙ୍କ ଅଧ୍ୟକ୍ଷତାରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଧାମନଗର ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଅଧାପକ ରବୀନ୍ଦ୍ର ବେହୁରିଆ, ସିପିଆଇ ନେତା ଚନ୍ଦ୍ରଶେଖର ନାୟକ, ଧାମନଗର ପ୍ରେସ୍ କ୍ଲବର କାର୍ଯ୍ୟକାରୀ ସଭାପତି କିଶାନ ରାଉତ, ଡା. ଗିରୀଶ ନାୟକ, ଓଷ୍ଟାର ବ୍ଲକ ସଭାପତି ରମାକାନ୍ତ ପରିଡ଼ା, ସମ୍ପାଦକ ହେମନ୍ତ ସୂତାର, ବିବେକାନନ୍ଦ ପତି ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଶିକ୍ଷକ ଅମ୍ବୁନିଧି ପତି, ସୁରେନ୍ଦ୍ର ରାଉତ, ଅଭିରାମ ସାହୁ, କାହ୍ନୁଚରଣ ପଣ୍ଡା, ଚତୁର୍ଭୁଜ ନାୟକ, ରାମଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ସଡ଼କ ସୁରକ୍ଷା ସଚେତନତା

**ଚାନ୍ଦବାଲି, ୯।୧ (ଡି.ଏନ.ଏ.):** କ୍ରାନ୍ତିଶକ୍ତି ଯୁବକ ସଂଘ ପକ୍ଷରୁ ‘ସଡ଼କ ସୁରକ୍ଷା ଜୀବନ ରକ୍ଷା’ ସଂକ୍ରାନ୍ତ ଏକ ସଚେତନତା ରାଲି ଚାନ୍ଦବାଲି ସହର ପରିକ୍ରମା କରିଛି। ସଭାପତି ଦିଲୀପ ରାଉତଙ୍କ ନେତୃତ୍ୱରେ ଶତାଧିକ ଯୁବକ କାଳୀମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରି ରାସ୍ତାରେ ଯାଉଥିବା ବାଇକ୍ ଚାଳକଙ୍କୁ ହେଲ୍‌ମେଟ ପିନ୍ଧିବା ଓ ଦ୍ରୁତଗତିରେ ଗାଡ଼ି ନ ଚଳାଇବାକୁ ସଚେତନ କରାଇବା ସହ ଲିଫ୍‌ଲେଟ୍ ବଣ୍ଟନ କରିଥିଲେ। ମନୋରଞ୍ଜନ ସାହୁ, ତାରାପଦ ମହାନ୍ତି, ସୁଦାମ ବିଶ୍ୱାଳ, ରାଜକିଶୋର ସାହୁ, ଉପେନ୍ଦ୍ର ରାଉଳ, ସରୋଜ ବଳ, ସବ୍ୟସାଚୀ ମହାନ୍ତି, ରଘୁନାଥ ସାହୁ, ଶତ୍ରୁଘ୍ନ ରାଉତ, ସଂଗ୍ରାମ ଦାସ, ଅମୂଲ୍ୟ ରାଉତ, ପ୍ରତାପ ସାହୁ ଓ ଧନଞ୍ଜୟ ତାଡୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମନ୍ତେଇ ନଦୀ ପାଣି ପ୍ରଦୂଷିତ

**ତିହିଡ଼ି, ୯।୧ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅନ୍ତର୍ଗତ ବାହାବଳପୁର ପଞ୍ଚାୟତ ନିକଟ ଦେଇ ପ୍ରବାହିତ ମନ୍ତେଇ ନଦୀ ପାଣି ପ୍ରଦୂଷିତ ହୋଇଛି। ନଦୀରେ ଗୋରୁଙ୍କ ମୃତଦେହ ଭାସୁଥିବାରୁ ଏ ପ୍ରକାର ସ୍ଥିତି ଉପୁଜିଛି। ବାହାବଳପୁର ଓ ସାହାପୁର ପଞ୍ଚାୟତବାସୀ ଏହି ନଦୀ ପାଣି ଉପରେ ନିର୍ଭର କରନ୍ତି। ସେମାନେ ଚାଷକାର୍ଯ୍ୟରେ ଏହି ପାଣି ଲଗାଇଥାନ୍ତି। ଏହାଛଡ଼ା କେତେକ ଲୋକେ ନଦୀରେ ଗାଧୋଇବା ସହ ଖରାଦିନେ ପାନୀୟଜଳ ରୂପେ ବ୍ୟବହାର କରିଥାନ୍ତି। ତେବେ ଲୋକଙ୍କର ଗୋରୁ ମରିଗଲା ପରେ ସେମାନେ ସଂସ୍କାର ନ କରି ନଦୀରେ ଭସାଇ ଦେଉଛନ୍ତି। ମୃତଦେହ ପଚି ଶଢ଼ି ଦୁର୍ଗନ୍ଧ ସୃଷ୍ଟି କରୁଛି। ଫଳରେ ନଦୀ ପାଣି ପ୍ରଦୂଷିତ ହେବା ସହ ନଈକୂଳରେ ବସବାସ କରୁଥିବା ଲୋକେ ଅସୁବିଧା ଭୋଗୁଛନ୍ତି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦିଆଯିବାକୁ ସାମାଜିକ କର୍ମୀ ବସନ୍ତ କୁମାର ଦାସ, କବି ବାଇଧର ନାୟକ, ପୂର୍ବତନ ସରପଞ୍ଚ ଅମରେନ୍ଦ୍ର ବେହେରା ଓ ଚିନ୍ତାମଣି ମଲ୍ଲିକ ପ୍ରମୁଖ ଦାବି ଜଣାଇଛନ୍ତି।



ଏକ ଗାଈର ମୃତଦେହ ନଦୀ ପାଣିରୁ ଭାସି ଆସି କୂଳରେ ଲାଗିଛି।

### ଆନ୍ତଃରାଜ୍ୟ ଦିବାକର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ

## ନୀଳଗିରି ଟାଉନ କ୍ଲବ ବିଜୟୀ

**ବାସୁଦେବପୁର, ୯।୧ (ଡି.ଏନ.ଏ.)**

ବାସୁଦେବପୁର ଶୁଙ୍ଗୁଡାସ୍ଥିତ ନୀଳମଣି ମିନିଷ୍ଟାଡିୟମ ପରିସରରେ ଶ୍ରୀଗଣେଶ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୩୨ତମ ଆନ୍ତଃରାଜ୍ୟ ଦିବାକର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ବୁଧବାର ମ୍ୟାଚ୍‌ରେ ୧-୦ ଗୋଲ୍‌ରେ ରାଜକନିକା ତରାସ ନେତାଜୀ କ୍ଲବକୁ ହରାଇ ନୀଳଗିରି ଟାଉନ କ୍ଲବ ବିଜୟୀ ହୋଇଛି। ଖେଳର ପ୍ରଥମାର୍ଦ୍ଧରେ ନୀଳଗିରି ଟାଉନ କ୍ଲବ ଏହି ଗୋଲ୍ ଦେଇଥିବାବେଳେ ରାଜକନିକା ଏହାକୁ ସୁଝାଇ ପାରି ନ ଥିଲା। ଶେଷରେ ୧-୦ ଗୋଲ୍‌ରେ ନୀଳଗିରି ଟାଉନ କ୍ଲବ ବିଜୟଲାଭ କରିଥିଲା। ତୃପ୍ତି ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ସ୍ନିଗ୍ଧା ମହାନ୍ତି ମୁଖ୍ୟଅତିଥି ଏବଂ ପୂର୍ବତନ କାଉନସିଲର ଅମିନୁଦ୍ଦିନ ଖାଁ, ବ୍ୟବସାୟୀ ପ୍ରକାଶ ଚନ୍ଦ୍ର ନାୟକ, ସେକ୍ ଭୋଲା, ନରସିଂହ ସାହୁ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରୀଗଣେଶ କ୍ଲବ ସଭାପତି ଗୌରାଙ୍ଗ ବେହେରା, ସମ୍ପାଦକ ସୁବାସ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ। ଗୁରୁବାର ଖୋର୍ଦ୍ଧା ଏଲିଆନା ଏକାଡେମୀ ଓ ଧର୍ମଶାଳା କ୍ଲବ ଜାରକା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।



ଅତିଥିମାନେ ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି।

### ଧ୍ରୁବଚରଣ କଂଗ୍ରେସର ବ୍ଲକ ଓବିସି ସେଲ୍ ଅଧ୍ୟକ୍ଷ

**ଚାନ୍ଦବାଲି, ୯।୧ (ଡି.ଏନ.ଏ.):** କଂଗ୍ରେସର ରାଜ୍ୟ ଓବିସି ସେଲ୍ ସଭାପତି ବିଷ୍ଣୁଚରଣ ବାରିକଙ୍କ ଅନୁମୋଦନ କ୍ରମେ ଦଳର ଚାନ୍ଦବାଲି ବ୍ଲକ ଓବିସି ସେଲ୍ ଅଧ୍ୟକ୍ଷ ଭାବେ ଧ୍ରୁବଚରଣ ବାରିକ ମନୋନୀତ ହୋଇଛନ୍ତି। ଧ୍ରୁବଚରଣ ନାଲଗୁଣ୍ଡା ପଞ୍ଚାୟତର ଯୁବନେତା। ବ୍ଲକ ଓବିସି ସେଲ୍‌କୁ ସକ୍ରିୟ କରିବା ଲାଗି କାମ କରିବେ ବୋଲି କହିଛନ୍ତି।

### ‘ଭଲ ମଣିଷ ଗଢ଼ିବା ଶିକ୍ଷାର ମୂଳ ଲକ୍ଷ୍ୟ’

**ବାସୁଦେବପୁର, ୯।୧ (ଡି.ଏନ.ଏ.)**

ବାସୁଦେବପୁର ବ୍ଲକର ଚୂଡ଼ାମଣି ପଞ୍ଚାୟତ ଭାସ୍କର ଚନ୍ଦ୍ର ନୋଡାଲ ବିଦ୍ୟାଳୟରେ ବୁଧବାର ଅନାଦି-ନେତ୍ରମଣି ସ୍ମାରକୀ ମେଧାବୃତ୍ତି ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ବେହେରା ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ର ଭଲ ପାଠ ପଢ଼ିବା ସହ ଶୃଙ୍ଖଳିତ ହେବାକୁ ସେ ପରାମର୍ଶ ଦେଇଥିଲେ। ଭଲ ମଣିଷ ଗଢ଼ିବା ଶିକ୍ଷାର ମୂଳ ଲକ୍ଷ୍ୟ ବୋଲି ସେ ମତବ୍ୟକ୍ତ କରିଥିଲେ। ତୃପ୍ତି ମହିଳା ମହାବିଦ୍ୟାଳୟର ଯୁକ୍ତ ୨ ବିଭାଗ ଅଧ୍ୟକ୍ଷା ସ୍ନିଗ୍ଧା ମହାନ୍ତି ମୁଖ୍ୟବକ୍ତା, କେସି ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ମଲିକ, ସରପଞ୍ଚଙ୍କ ପ୍ରତିନିଧି ସୁବୋଧ କୁମାର ମହାପାତ୍ର, ଟ୍ରଷ୍ଟି ଗୌରାଙ୍ଗ ଚନ୍ଦ୍ର ମହାନ୍ତି, ଭାସ୍କର ଚନ୍ଦ୍ର ନୋଡାଲ ସ୍କୁଲ ପ୍ରଧାନ ଶିକ୍ଷକ ମଧୁସୂଦନ ଦାସ, କ୍ଷେତ୍ରମଣି ବାଳିକା ମଧ୍ୟଇଂରାଜୀ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗଣେଶ ପ୍ରସାଦ ବେହେରା ଓ ଏବିଇଓ ରମାକାନ୍ତ ସେଠୀ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମିରାକିଲ୍ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ଦୁଃଶାସନ ରାଉତ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଚୂଡାମଣି ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ଅନାଦି-ନେତ୍ରମଣି ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଗଗନ ବିହାରୀ ସେଠୀ ଓ ଭାଗୀରଥି ନାୟକ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ମତ ରଖିଥିଲେ।

## ନାଟ୍ୟଜଗତକୁ ଭଦ୍ରକ ନାଟ୍ୟକାରଙ୍କ ଅବଦାନ ଅତୁଳନୀୟ



ଜିଲା ମହୋତ୍ସବରେ ଉପସ୍ଥିତ ଅତିଥିମାନେ।

**ଭଦ୍ରକ ଅଫିସ, ୯।୧**

ଭଦ୍ରକ ସହରର ମଧ୍ୟଭାଗ ଗାନ୍ଧୀ ପଡ଼ିଆରେ ଚାଲିଥିବା ଜିଲା ମହୋତ୍ସବର ୩ୟ ଓ ୪ର୍ଥ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ତୃତୀୟ ସନ୍ଧ୍ୟାରେ ମହୋତ୍ସବ କମିଟି ସଭାପତି ପଣ୍ଡିତ ଦୈତାରୀ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ଯୋଗଦେଇ କହିଥିଲେ, ନାଟ୍ୟଜଗତକୁ ବଂଶୀବଲ୍ଲଭଙ୍କ ଅବଦାନ ଚିର ଅଭୁଲା। କେବଳ ବଂଶୀବଲ୍ଲଭ ନୁହଁନ୍ତି, ଓଡ଼ିଆ ନାଟ୍ୟଜଗତକୁ ଭଦ୍ରକ ଜିଲାର ବହୁ ନାଟ୍ୟକାରଙ୍କ ଅବଦାନ ଅତୁଳନୀୟ। ଅନ୍ୟତମ ଅତିଥି ଭାବେ ଡା. ପ୍ରଦୀପ ନାୟକ କହିଥିଲେ, ମହୋତ୍ସବ ମଣିଷ ପାଇଁ ମହୋଷଧି। କଳା ସଂସ୍କୃତି ଦ୍ୱାରା ମଣିଷ ପାଉଥିବା ଆନନ୍ଦ ସେମାନଙ୍କ ଶରୀର ଓ ମନ ଉପରେ ପ୍ରଭାବ ପକାଇଥାଏ। ତାହା ଅନେକାଂଶରେ ସେମାନଙ୍କୁ ସୁସ୍ଥ ରହିବାରେ ସହାୟତା କରିଥାଏ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଣ୍ଠଶିଳ୍ପୀ ରୁଦ୍ରମାଧବ ବାରିକ ଓ ପ୍ରବକ୍ତା ବାସୁଦେବ ବାରିକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସେହିଭଳି ୪ର୍ଥ ସନ୍ଧ୍ୟାରେ କବି ହୃଦାନନ୍ଦ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ସତ୍ୟପ୍ରକାଶ ସେଠୀ, ସଙ୍ଗୀତ ନିର୍ଦ୍ଦେଶକ ସାନୁ ମଲିକ ପ୍ରମୁଖ ଯୋଗ ଦେଇଥିଲେ। ଖବରଦାତା ଦୁର୍ଗା ବିଶ୍ୱାଳ ଅତିଥି ପରିଚୟ, ସମ୍ପାଦକ ଶ୍ରୀକାନ୍ତ ତ୍ରିପାଠୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସତ୍ୟଭୂଷଣ ସ୍ୱାମୀ, ରଶ୍ମିତା ଦାଶ, ଚର୍ଚ୍ଚିକା ମହାପାତ୍ର, ରାକେଶ ଦାସ, ଜୟଜଗନ୍ନାଥ ମଲ୍ଲିକ, ଜୟନ୍ତୀ କରଶର୍ମା, ସତ୍ୟସୁନ୍ଦର ପରିଡା ଓ କରୁଣାକର ବେହୁରିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶାନ୍ତିପୂର୍ଣ୍ଣ ଭାବେ ଶେଷ ହେଲା ଧର୍ମଘଟ

**ଭଦ୍ରକ ଅଫିସ/ବନ୍ତ, ୯।୧ (ସ୍ୱ.ପ୍ର./ଡି.ଏନ.ଏ.)**

ଶ୍ରମିକ ସଙ୍ଗଠନ ପକ୍ଷରୁ କରାଯାଇଥିବା ଦୁଇଦିନିଆ ଧର୍ମଘଟ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ବୁଧବାର ୨ୟ ଦିନରେ ଭଦ୍ରକରେ ବନ୍ଦର ଆଂଶିକ ପ୍ରଭାବ ପରିଲକ୍ଷିତ ହୋଇଛି। ଅଧିକାଂଶ ଦୋକାନ ଖୋଲା ଥିବାବେଳେ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଓ ସ୍କୁଲ କଲେଜ ବନ୍ଦ ରହିଥିଲା। ସକାଳ ୬ଟାଠାରୁ ୧୬ ନମ୍ବର ଜାତୀୟ ରାଜପଥରେ ଗାଡ଼ି ମୋଟର ଚଳାଚଳ ବନ୍ଦ ରହିଥିଲା। ସିଟୁ ନେତା ଦିବ୍ୟସିଂହ ନାୟକ, ରାଧା ଦାସ, ନିରଞ୍ଜନ ପାଣି, ଚନ୍ଦ୍ରଶେଖର ନାୟକ, ଶାନ୍ତିଲତା ନାୟକ, ବ୍ୟାଙ୍କ ଓ ବୀମା କର୍ମଚାରୀ ଜଗନ୍ନାଥ ରାଉତ, କାଳନ୍ଦୀ ପାତ୍ର, ସେକ୍ ଜହର ଅଲ୍ଲୀ, ସେକ୍ ରୋଶନ, ସେକ୍ ମିଟୁ, ଗିରିଧାରୀ ନାଥ, ନିଶିକାନ୍ତ ନାୟକ, ପୋଷ୍ଟାଲ କର୍ମଚାରୀ ନେତା ବୁଦ୍ଧିରାମ ଦାସ, ଅଜୟ ରାଉତ, ମୁକ୍ତିକାନ୍ତ ବାରିକ, ସନ୍ତୋଷ ମହାପାତ୍ର ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ନୀତିକୁ ନିନ୍ଦା କରିଥିଲେ।

ବନ୍ତ ବ୍ଲକର ବନ୍ତ ଓ ଆଗରପଡ଼ା ସମେତ ବିଭିନ୍ନ ବଜାରରେ ଆନ୍ଦୋଳନକାରୀମାନେ ସକାଳେ ପିକେଟିଂ କରି ଦୋକାନ ବଜାର ବନ୍ଦ କରିଥିଲେ। ପ୍ରଭାସ ମହାପାତ୍ର, ରବୀନ୍ଦ୍ର ନାୟକ, ପ୍ରତାପ ସେଠୀଙ୍କ ନେତୃତ୍ୱରେ ବଳରାମ ଦାଶ, ଭଗବାନ ପଲେଇ, ସନାତନ ଜେନା, ସୁକାନ୍ତି ପ୍ରଧାନ, ଅଭିଳାଷ ମଲ୍ଲିକ, ସ୍ଥିତପ୍ରଜ୍ଞ ବେହେରା, ଶୁଭମ୍ ସୁରଜ ନାୟକ, ରକ୍ଷାକର ବେହେରା, ଗୁଡୁ ସିଂହ, ବସନ୍ତ ପାଣିଗ୍ରାହୀ, ବୁଦ୍ଧିଆ ଜେନା ପ୍ରମୁଖ ସାମିଲ ଥିଲେ। ବନ୍ତ ମେଡିକାଲ ଛକଠାରେ ପ୍ରତିବାଦ ସଭା ହୋଇଥିଲା। ବିଷ୍ଣୁଚରଣ ଜେନା ସଭାପତିତ୍ୱ କରିଥିଲେ। ସିପିଆଇ ଜିଲା ସମ୍ପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ଏଆଇଟିୟୁସିର ରମେଶ ଚନ୍ଦ୍ର ଜେନା, ବରିଷ୍ଠ ସିପିଆଇ ନେତା ଗୋପବନ୍ଧୁ ସେଠୀ, ସହସମ୍ପାଦକ ପ୍ରଫୁଲ୍ଲ ନାୟକ, ଜିଲା ଯୁବସଂଘ ନେତା ପରମେଶ୍ୱର ବାରିକ, ଫକୀର ଚରଣ ବେହେରା, ସୁବାସ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ଆଜି କ'ଣ କେଉଁଠି

**ସିମୁଳିଆ**

- ରୟାଲ ହାଇସ୍କୁଲ ଓ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ। ସ୍ଥାନ: ମଇତାପୁର। ସମୟ: ଅପରାହ୍ନ ୩ଟା।

# 'କାଳିଆ' ଯୋଜନା ଫର୍ମ କଳାବଜାର

## ଅଭିଯୁକ୍ତଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ

**ବାଲେଶ୍ୱର ଅଫିସ/ଖଇରା, ୯।୧**

କୃଷି କ୍ଷେତ୍ରକୁ ଅଧିକ ସମୃଦ୍ଧ ସହ ଦାରିଦ୍ର୍ୟ ହ୍ରାସ ଲାଗି ଓଡ଼ିଶା ସରକାରଙ୍କ ପକ୍ଷରୁ 'କୃଷକ ଜୀବିକା ଓ ଆୟ ବୃଦ୍ଧି ପାଇଁ ସହାୟତା' (କାଳିଆ) ଭଳି କଲ୍ୟାଣକାରୀ ଯୋଜନାର ଶୁଭାରମ୍ଭ କରାଯାଇଛି। ଏହି ଯୋଜନାକୁ ନେଇ ଚାଷୀମାନେ ଉତ୍ସାହିତ ଥିବା ବେଳେ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶନାମାକୁ ଅବଲମ୍ବନ କରି ଯୋଜନାରେ ନାମକୁ ପଞ୍ଜୀକୃତ କରିବା ପାଇଁ ବିଭିନ୍ନ ବ୍ଲକ, ପଞ୍ଚାୟତ ଅଫିସ୍‌ରେ ଭିଡ଼ ଦେଖିବାକୁ ମିଳିଛି। ଏହାର ସୁଯୋଗ ନେଇ କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଆବେଦନ ଫର୍ମକୁ କଳାବଜାର କରି ଚାଷୀଙ୍କୁ ଆର୍ଥିକ ଶୋଷଣ କରୁଥିବା ବାଲେଶ୍ୱର ଜିଲାର ବିଭିନ୍ନ ବ୍ଲକରେ ଦେଖିବାକୁ ମିଳିଛି। ଏହା ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହେବା ପରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦିଆଯାଇଛି।

ଅନ୍ୟପକ୍ଷରେ ଅଭିଯୋଗ ପାଇବା ପରେ ଜିଲା ପ୍ରଶାସନ ମୁଖ୍ୟ ସେମାନଙ୍କ ନାମରେ ନିକଟସ୍ଥ ଥାନାରେ ଲିଖିତ ଅଭିଯୋଗ କରିବା ପାଇଁ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତ ସିମୁଳିଆସ୍ଥିତ ସୁଚିତ୍ରା ପ୍ରିଣ୍ଟର୍ସର ସୁଶାନ୍ତ ପରମାଣିକଙ୍କ ନାମରେ ବିଡିଓ ମିନତି ଜଗଦ୍ଦେବ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ବାଲିଆପାଳ ଥାନାରେ ମାମଲା (ନଂ. ୪/୧୯) ରୁଜୁ ହୋଇଛି। ସେହିପରି ଖଇରା ବ୍ଲକ ମାଖନପୁର ଗ୍ରାମର ଅକ୍ଷୟ ମହାରଣା ଏଭଳି ବେଆଇନ କାର୍ଯ୍ୟ କରୁଥିବା ନେଇ ଅଭିଯୋଗ ଆସିବା ପରେ ସମ୍ପୃକ୍ତ ବ୍ଲକର ବିଡିଓ ମହେଶ ଚୌଧୁରୀ ବୁଧବାର ଖଇରା ଥାନାରେ ମାମଲା (ନଂ. ୬/୧୯) ରୁଜୁ କରିଛନ୍ତି। ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିବା ବେଳେ ଏସ୍‌ପି ବି. ଯୁଗଳ କିଶୋର କୁମାର ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସୁପାରିସ କରିଛନ୍ତି। 'କାଳିଆ' ଯୋଜନାର ଫର୍ମ ଜିଲାର ସମସ୍ତ ବ୍ଲକରେ ମାଗଣାରେ ମିଳୁଥିବା ବେଳେ ଏହାକୁ ବେଆଇନ ଭାବେ ବିକ୍ରୟ କିମ୍ବା ଏଥିଲାଗି ଅର୍ଥ ଆଦାୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ରମେଶ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି।


'କାଳିଆ' ଫର୍ମକୁ ଚୋରାରେ ଚାଷୀଙ୍କୁ ବିକ୍ରି କରାଯାଉଛି।

## ଫକୀରମୋହନ ଜୟନ୍ତୀ ପାଇଁ ପ୍ରସ୍ତୁତି

**ରୂପ୍‌ସା, ୯।୧(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ହଳଦୀପଦା ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆସନ୍ତା ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ଫକୀରମୋହନ ଜୟନ୍ତୀ ଓ ବାର୍ଷିକ ସମାରୋହ ପାଳନ ପାଇଁ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନ ସଭାପତି ମହେନ୍ଦ୍ର ସାହୁ ପୌରୋହିତ୍ୟ କରିଥିଲେ। ୧୨ ତାରିଖରେ ଖଣ୍ଡାହାର ଅଙ୍ଗନୱାଡ଼ି କେନ୍ଦ୍ରରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ୧୩ ତାରିଖରେ ଅଭିଭାବକ କର୍ମଶାଳା, ୧୪ ତାରିଖରେ କଣ୍ଟେଶ୍ୱର ଶିବମନ୍ଦିର ପରିସରରେ ଫକୀରମୋହନଙ୍କ ଜୟନ୍ତୀ ପାଳନ ସହ ସାରସ୍ୱତ ଓ ସାଂସ୍କୃତିକ ସମାରୋହ ପାଳନ ହେବାକୁ ସ୍ଥିର ହୋଇଥିଲା। ଏହି ଅବସରରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀଙ୍କୁ ନେଇ ବକ୍ତୃତା, ଚିତ୍ରାଙ୍କନ, ସଙ୍ଗୀତ, ଏକକ ଅଭିନୟ ଓ ନୃତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ବୈଠକରେ ଅନୁଷ୍ଠାନର ସମ୍ପାଦକ ଚନ୍ଦନ କୁମାର ସାହୁ, ପ୍ରତ୍ୟୁଷ ପ୍ରଧାନ, ଜୟନ୍ତ ସାହୁ, ଅମିତାଭ ସାହୁ ଓ ଅନୀଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଭାଇଚାରା ସୃଷ୍ଟି କରେ ମହୋତ୍ସବ

**ରସାଲପୁର, ୯।୧(ଡି.ଏନ.ଏ.):** କର୍ମମୟ ଜୀବନରେ ମନୋରଞ୍ଜନର ଆବଶ୍ୟକତା ରହିଛି। ମହୋତ୍ସବ ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଏହି ଆବଶ୍ୟକତାକୁ ପୂରଣ କରିଥାଏ। ଏହାସହ ମହୋତ୍ସବକୁ ଆସୁଥିବା ଲୋକଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି ହୋଇଥାଏ ବୋଲି ବାଲେଶ୍ୱର ସହର ଉପକଣ୍ଠ କୁରୁଡ଼ା ଯାତ୍ରା ପଡ଼ିଆରେ ଚାଲିଥିବା ମହୋତ୍ସବର ୩ୟ ସନ୍ଧ୍ୟାରେ ରମାରାଣୀ ଇଞ୍ଜିନିୟରିଂ କଲେଜର ପ୍ରିନ୍ସିପାଲ ଅଶୋକ କୁମାର ପଣ୍ଡା ଯୋଗଦେଇ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଚଳଚ୍ଚିତ୍ର ଜଗତର ଅଭିନେତା ଅର୍ପଣ କୁମାର ମିଶ୍ର ଓ ସୁନୀଲ କୁମାର ନାୟକ ଯୋଗଦେଇ କଳା ଓ ସଂସ୍କୃତିର ମାଟି ବାଲେଶ୍ୱର। ବିଭିନ୍ନ ସମୟରେ ଏହି ଉତ୍ସବ ଆୟୋଜିତ ହେଉଥିବାରୁ ଏ ମାଟିର କଳାକାରମାନଙ୍କୁ ଉଜ୍ଜୀବିତ କରିରଖିଛି ବୋଲି କହିଥିଲେ। ମହୋତ୍ସବ ସଭାପତି କାର୍ତ୍ତିକ ଚନ୍ଦ୍ର ଗିରି ଅଧ୍ୟକ୍ଷତା କରିଥିବା ବେଳେ ସଞ୍ଜୟ ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ମହୋତ୍ସବ ପକ୍ଷରୁ ଉଭୟ ଅଭିନେତାଦ୍ୱୟଙ୍କୁ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା।

## ସାଧାରଣତନ୍ତ୍ର ଦିବସ ପାଳନ ଲାଗି ପ୍ରସ୍ତୁତି

**ବାଲେଶ୍ୱର ଅଫିସ, ୯।୧:** ବାଲେଶ୍ୱରରେ ଜିଲାସ୍ତରୀୟ ୭୦ତମ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସୋମବାର ଜିଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ଜାନୁୟାରୀ ୨୬ତାରିଖରେ ପାଳିତ ହେବାକୁ ଥିବା ସାଧାରଣତନ୍ତ୍ର ଦିବସର ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅବସରରେ ସଫଳ ପ୍ରତିଭାଙ୍କୁ ପୁରସ୍କୃତ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହାସହ ଗଣମାଧ୍ୟମ ପ୍ରତିନିଧିଙ୍କ ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜନ କରାଯିବା ଲାଗି ସ୍ଥିର ହୋଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାଷ ଚନ୍ଦ୍ର ନିଆଲ ସମସ୍ତଙ୍କୁ ନବବର୍ଷର ଅଭିନନ୍ଦନ ଜଣାଇବା ସହ ସାଧାରଣତନ୍ତ୍ର ଦିବସ ପାଳନ ସମ୍ପର୍କିତ ସୂଚନା ପ୍ରଦାନ କରିଥିଲେ। ଏହି ଦିବସକୁ ସଫଳ କରିବାକୁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଅତିରିକ୍ତ ଜିଲାପାଳ ମାନସ ରଞ୍ଜନ ପାଢ଼ୀ, ଉପଜିଲାପାଳ ନୀଲୁ ମହାପାତ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୀନଜନ ନାୟକ, ଡିଏସ୍‌ପି ଉମେଶ କୁମାର ପଣ୍ଡା, ଆସିଷ୍ଟାଣ୍ଟ କଲେକ୍ଟର ମନୋଜ କୁମାର ସେନାପତିଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଶିକ୍ଷାନୁଷ୍ଠାନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି, ବରିଷ୍ଠ ନାଗରିକ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବନ୍ଧୁମିଳନରେ ଶଶୀ ସାହୁଙ୍କ ଦୃଢୋକ୍ତି

# ଆଗାମୀ ନିର୍ବାଚନରେ ପରିବର୍ତ୍ତନ ନିଶ୍ଚିତ

**ଖଇରା, ୯।୧(ଡି.ଏନ.ଏ.)**

ଭାଜପା ନେତା ଶଶି କୁମାର ସାହୁଙ୍କ ପକ୍ଷରୁ ଏକ ବନ୍ଧୁ ମିଳନ ବୁଧବାର ଖଇରା ବ୍ଲକ କୋଚିଆକୋଇଲି ଗୋରୁହାଟ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିନିମନ୍ତେ ଆୟୋଜିତ ସଭାରେ ଶୁକଦେବ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଏଥିରେ ଗଜେନ୍ଦ୍ର ପ୍ରସାଦ ଦାସ, ରାଜେନ୍ଦ୍ର କୁମାର ଜେନା, ଦିଲୀପ କୁମାର ଗିରି, ସାମନ୍ତ ମହାପାତ୍ର, ଶ୍ରୀଧର ତ୍ରିପାଠୀ, ମାନସ କୁମାର ଭଞ୍ଜ, ପ୍ରଭାତ କୁମାର ଦଳେଇ ପ୍ରମୁଖ ନେତୃବୃନ୍ଦ ଯୋଗଦେଇଥିଲେ। ୨୦୦୯ ନିର୍ବଚନରେ ସିମୁଳିଆ ନିର୍ବାଚନ ମଣ୍ଡଳୀରେ ଭୋଟ ୫ହଜାର ଥିବା ବେଳେ ୨୦୧୪ରେ ଶଶି ସାହୁ ଏହାକୁ ୨୮ହଜାରରେ ପହଞ୍ଚାଇଥିଲେ। ୨୦୧୭ ପଞ୍ଚାୟତ ନିର୍ବାଚନରେ ଭୋଟ ୫୨ହଜାରକୁ ଛୁଇଁଥିଲା। ଏଣୁ ଆସନ୍ତା ନିର୍ବାଚନରେ ଶଶି ସାହୁଙ୍କ ବିଜୟ ସୁନିଶ୍ଚିତ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ଭାଜପା ନେତା ସାହୁ ନିଜ ବକ୍ତବ୍ୟରେ ସେ ଭାଜପାକୁ ସିମୁଳିଆ ନିର୍ବାଚନମଣ୍ଡଳୀରେ ୨ନମ୍ବରକୁ ଆଣିଥିବା ବେଳେ ରାଜ୍ୟ ନେତୃବୃନ୍ଦ ତାଙ୍କୁ ଅପମାନିତ କରି ତାଙ୍କ ସହ ବିନା ଆଲୋଚନାରେ ଜଣେ କଂଗ୍ରେସ ନେତାଙ୍କୁ ଦଳରେ ମିଶାଇଲେ। ଏହି ନିର୍ବାଚନମଣ୍ଡଳୀରେ କ୍ରମାଗତ ଶାସନ କରିଆସୁଥିବା କେତେକ ନେତାଙ୍କୁ ଏଥର ପରାଜୟ ବରଣ କରିବାକୁ ପଡିବ। ଆଗାମୀ ୨୦୧୯ ନିର୍ବାଚନରେ ପରିବର୍ତ୍ତନ ନିଶ୍ଚୟ ହେବ ବୋଲି ସମର୍ଥକମାନଙ୍କୁ ପରୋକ୍ଷରେ ଇଙ୍ଗିତ କରିଥିଲେ। ତାଙ୍କୁ ଭଲ ପାଉଥିବା କର୍ମୀମାନେ ଧୈର୍ଯ୍ୟର ସହ ଅପେକ୍ଷା କରନ୍ତୁ। ଫେବୃୟାରୀ ୧୬ ପରେ ନିଶ୍ଚିତ କିଛି ନୂଆ ଖବର ସେମାନଙ୍କ ନିକଟରେ ପହଞ୍ଚିବ ବୋଲି ପ୍ରକାଶ କରିଥିଲେ। ଅକ୍ଷୟ ଧନ୍ଦା, ଦୀପକ ପ୍ରଧାନ, ଅଶୋକ ମହାପାତ୍ର, ଉଦୟ ପଣ୍ଡା, ରବୀନ୍ଦ୍ର ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ବନ୍ଧୁମିଳନରେ ଉପସ୍ଥିତ ଶଶୀ ସାହୁ ଓ ଅନ୍ୟମାନେ।

## ନୃତ୍ୟଗୀତରେ ସରିଲା ଭୋଗରାଇ ଉତ୍ସବ

**ଭୋଗରାଇ, ୯।୧ (ଡି.ଏନ.ଏ.)**

ଭୋଗରାଇ ଥାନାଛକସ୍ଥିତ ହେଲିପ୍ୟାଡ଼ ପଡ଼ିଆରେ ୮ଦିନ ଧରି ଚାଲିଥିବା ଭୋଗରାଇ ଉତ୍ସବ ମଙ୍ଗଳବାର ଶେଷ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଉତ୍ସବ କମିଟି ସଭାପତି ପୂର୍ବତନ ଏମ୍‌ପି ଡ. କାର୍ତ୍ତିକେଶ୍ୱର ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ କର୍ମଜୀବୀ ସାମ୍ବାଦିକ ସଂଘର ସଭାପତି ପୀତାମ୍ବର ମିଶ୍ର, ମୁଖ୍ୟବକ୍ତା ଭାବେ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ପୂର୍ବତନ ଅଧ୍ୟାପକ କାର୍ତ୍ତିକେଶ୍ୱର ଚାନ୍ଦ, ସମ୍ମାନନୀୟ ଅତିଥି ଭାବେ ଦେଉଳା ସେବା ସମବାୟ ସମିତି ସଭାପତି ହରେନ୍ଦ୍ର କୁମାର ଦାସ, ସରପଞ୍ଚ ଧର୍ମପଦ ଦାସ, ସାମାଜିକ କର୍ମୀ ଅମଳେନ୍ଦୁ ଦାସ ଯୋଗଦେଇଥିଲେ। ସାମାଜିକ କର୍ମୀ ଡା. ଜାମ୍‌ସେଦ୍ ଅଲ୍ଲୀ ଖାଁ ଧନ୍ୟବାଦ ଦେଇଥିଲେ। ଉତ୍ସବ କମିଟି ସଭାପତି ଡ. କାର୍ତ୍ତିକେଶ୍ୱର ପାତ୍ର, ସାଧାରଣ ସମ୍ପାଦକ ପଙ୍କଜାକ୍ଷ ପଣ୍ଡାଙ୍କ ସହ ରାଜକୁମାର ଦାସ, ଅମଳେନ୍ଦୁ ଦାସ, ଦୀପେଶ ଚନ୍ଦ୍ର ରାୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# 'ପର୍ଯ୍ୟଟନ ବିକାଶ କ୍ଷେତ୍ରରେ ଭୋଗରାଇ ପଛରେ'

**ଭୋଗରାଇ, ୯।୧ (ଡି.ଏନ.ଏ.):** ମୁଖ୍ୟମନ୍ତ୍ରୀଙ୍କ ଶାସନାଧୀନ ଓଡ଼ିଶାବାସୀ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି କ୍ଷେତ୍ରରେ ଅଣନିଃଶ୍ୱାସୀ ହୋଇପଡ଼ିଛନ୍ତି। ଏବେ ପରିବର୍ତ୍ତନର ବେଳ ଆସିଛି। ଦୀର୍ଘ ୧୯ବର୍ଷ ହେଲା ଭୋଗରାଇ ଯୁବତୀଯୁବକମାନେ କର୍ମସଂସ୍ଥାନ ନ ପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ ଆଦି ବିପର୍ଯ୍ୟସ୍ତ ହୋଇପଡ଼ିଛି। ଭୋଗରାଇର ପର୍ଯ୍ୟଟନ ଅବହେଳିତ ହୋଇପଡ଼ିଥିବା ବେଳେ ଭୋଗରାଇ ବିଧାୟକଙ୍କ ଅପାରଗତା ଯୋଗୁ ପର୍ଯ୍ୟଟନର ବିକାଶ ହେଉନି। 'ପିଠା' ପରେ 'କାଳିଆ' ଯୋଜନା ଅନ୍ୟ ଏକ ଚିଟ୍‌ଫଣ୍ଡ ଯୋଜନା। ଏହି ଯୋଜନାରେ ସରକାର ଘାଇଲା ହୋଇ ପ୍ରମାଦ ଗଣିଲେଣି ବୋଲି ଭୋଗରାଇ ନିର୍ବାଚନ ମଣ୍ଡଳୀର ୩୩ନଂ. ଜିଲାପରିଷଦ ଜୋନ୍ ଏବଂ ଦେଉଳା ପଞ୍ଚାୟତର ବୁଧବାର ଉଦୟପୁରଠାରେ ବନ୍ଧୁମିଳନ ଉତ୍ସବରେ କଂଗ୍ରେସ ନେତାମାନେ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। କଂଗ୍ରେସ ଶାଖା ସଭାପତି ଆଶିଷ କୁମାର ପାତ୍ରଙ୍କ ସଞ୍ଚାଳନରେ ଗତ ବିଧାନସଭା ପ୍ରାର୍ଥୀ ସତ୍ୟଶିବ ଦାସ, ସମ୍ପାଦକ ସନ୍ତୋଷ କୁମାର ଜେନା, ବରିଷ୍ଠ ନେତା ଗୋପବନ୍ଧୁ ମହାପାତ୍ର, ଦୀପେଶ ଚନ୍ଦ୍ର ରାଏ, ଯୁବନେତା ସମୁନ୍ତ ବେହେରା, ଦେଉଳା ପଞ୍ଚାୟତର କଂଗ୍ରେସର ଛାମୁଆ ନେତାମାନେ ବିଜେଡି ଓ ଭାଜପା ଗୋଟିଏ ମୁଦ୍ରାର ଅପରପାର୍ଶ୍ୱ ବୋଲି କହିଥିଲେ। ଆଗାମୀ ନିର୍ବାଚନରେ କଂଗ୍ରେସ ଭୋଗରାଇ ଗଡ଼ ଦଖଲ କରିବ ବୋଲି ନେତାମାନେ ପ୍ରକାଶ କରିଥିଲେ।

## ନରହରିପୁର ଗ୍ରାମୀଣ ମେଳା ଉଦ୍‌ଯାପିତ

**ରେମୁଣା, ୯।୧(ଡି.ଏନ.ଏ.):** ନରହରିପୁରଠାରେ ଚାଲିଥିବା ପଞ୍ଚମ ବାର୍ଷିକ ୭ଦିନିଆ ଗ୍ରାମୀଣ ମେଳା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି, ପୂର୍ବତନ ସରପଞ୍ଚ ଅନିରୁଦ୍ଧ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଏବଂ ମୁଖ୍ୟବକ୍ତା ଭାବେ ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ. ଶିରିଶ ଚନ୍ଦ୍ର ଜେନା ଏବଂ ସମ୍ମାନନୀୟ ବକ୍ତା ଭାବେ ବିଟ ପଲିଟେକ୍ନିକ କଲେଜର ନିର୍ଦ୍ଦେଶକ ଶ୍ୟାମସୁନ୍ଦର ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। କବି ଦୁଷ୍ମନ୍ତ ଦାସ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ରବିନାରାୟଣ ପତି ଧନ୍ୟବାଦ ଦେଇଥିଲେ। ସମ୍ପାଦକ ଗୌରଗୋପାଳ ସାହୁ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ପିଲାଙ୍କ ମଧ୍ୟରେ ପ୍ରଶ୍ନୋତ୍ତର, ଗୀତ, ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ଗୁରୁ ସତ୍ୟନାରାୟଣ ମହାରଣାଙ୍କ ସଂଯୋଜନାରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପରେ ଆକର୍ଷଣୀୟ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସୁନୀଲ କୁମାର ମାଝୀ, ଶଶିକାନ୍ତ ଦାସ, ସତ୍ୟନାରାୟଣ ବେହେରା, ଅମର ପ୍ରକାଶ ଦାସ, ପ୍ରମୋଦ ଲେଙ୍କା, ମନୋରଞ୍ଜନ ନାୟକ, ସୁଦର୍ଶନ ପୋଥାଳ ଓ ହୃଷିକେଶ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମଜଦୁର ସଂଘର ଆମରଣ ଅନଶନ ଜାରି

# ପହଞ୍ଚୁନି ପ୍ରଶାସନ କି ଶ୍ରମ ବିଭାଗ

**ରେମୁଣା, ୯।୧(ଡି.ଏନ.ଏ.)**

ରେମୁଣା ବାଲ ଗୋପାଳପୁରସ୍ଥିତ ଇମାମୀ ପେପର ମିଲ୍ ନିକଟରେ ପେପର୍ସ ମଜଦୁର ସଂଘ ପକ୍ଷରୁ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଆମରଣ ଅନଶନ ବୁଧବାର ୬ଷ୍ଠ ଦିନରେ ପହଞ୍ଚିଛି। ଅନଶନ ପ୍ରତ୍ୟାହାର ପାଇଁ ପଦକ୍ଷେପ ସ୍ୱରୂପ

**ଗୁରୁବାରଠାରୁ ଆଇନ ଅମାନ୍ୟ ଆନ୍ଦୋଳନ**

ଜିଲା ପ୍ରଶାସନର ଚେଷ୍ଟା ସୋମବାର ବିଫଳ ହୋଇଛି। ସଂଘ ଆଇନ ଅମାନ୍ୟ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛି। ଏଥିସହିତ ଅନଶନ ପ୍ରତ୍ୟାହାର ପାଇଁ ଜିଲା ପ୍ରଶାସନର ଅନୁରୋଧକୁ ସଂଘ ଅସ୍ୱୀକାର କରି ଆଗକୁ କଡ଼ା ଆଭିମୁଖ୍ୟ ଗ୍ରହଣ କରିବ ବୋଲି କହିଛି।


ଆମରଣ ଅନଶନରେ ବସିଥିବା ମଜଦୁର ସଂଘର କର୍ମକର୍ତ୍ତା।

ମଙ୍ଗଳବାର ଅପରାହ୍ନରେ ବିଧାୟକ, ଭାଜପା ଜିଲା ସଭାପତି, ରେମୁଣା ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ଜିଲାପରିଷଦ ସଦସ୍ୟ ଏକାଠି ହୋଇ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ବୁଧବାର ସନ୍ଧ୍ୟା ସୁଦ୍ଧା କୌଣସି ପଦକ୍ଷେପ ନ ନେଲେ ବଡ ଧରଣର ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ, କାରଖାନା ପାୱାରପ୍ଲାଣ୍ଟର କୋଇଲା ବୋଝେଇ ବଙ୍କର ଧସି ଯାଇ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ, ଦୁର୍ଘଟଣାର କାରଣ ସମ୍ପର୍କରେ ତଦନ୍ତ, ଭବିଷ୍ୟତରେ ଦୁର୍ଘଟଣା ଏଡାଇବା ପାଇଁ ସତର୍କତା, ସୁରକ୍ଷା ସମ୍ପର୍କିତ ମାସିକ ସଚେତନତା, ନୂଆ ଆମ୍ବୁଲାନ୍ସ ବ୍ୟବସ୍ଥା ଏବଂ ଦୁର୍ଘଟଣା ସମୟରେ ସାଇରନ ବ୍ୟବସ୍ଥା ଆଦି ଦାବି କରି କେତେକ ଶ୍ରମିକ ପ୍ରଶାସନିକ ବିଲ୍ଡିଂ ସମ୍ମୁଖରେ ଧାରଣା ଦେଇଛନ୍ତି। ପ୍ରଥମେ ୪ ଓ ପରେ ଅନ୍ୟ ଜଣେ ଶ୍ରମିକଙ୍କୁ କାରଖାନା କର୍ତ୍ତୃପକ୍ଷ ନିଲମ୍ବିତ କରିଥିଲେ। ନିଲମ୍ବିତ ଶ୍ରମିକଙ୍କୁ ପୁନଃ ନିଯୁକ୍ତି ଦାବି ଏବଂ କାରଖାନା କର୍ତ୍ତୃପକ୍ଷଙ୍କ ବେପରୁଆ ମନୋଭାବର ପ୍ରତିବାଦରେ ଶୁକ୍ରବାରଠାରୁ ସଂଘ ପକ୍ଷରୁ ଆମରଣ ଅନଶନ ଆରମ୍ଭ ହୋଇଛି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।







ରଶ୍ମିପ୍ରକାଶ


କପିଳ


ପିଙ୍କୁ


ସିଲୁ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ବନ୍ଦର ଦ୍ୱିତୀୟ ଦିନ


ବିକ୍ଷୋଭକାରୀଙ୍କ ଦ୍ୱାରା ଟ୍ରେନ୍ ଅଟକ।

**ବାଲେଶ୍ୱର ଅଫିସ, ୯।୧**

ବିଭିନ୍ନ ଟ୍ରେଡ୍ ୟୁନିଅନ୍ ଡାକରାରେ ଦେଶବ୍ୟାପୀ ଦୁଇଦିନିଆ ବନ୍ଦର ଦ୍ୱିତୀୟ ଦିନ ବୁଧବାର ସହରର ଦୋକାନ ବଜାର ଅପରାହ୍ନ ୩ଟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଜିଲାର ସମସ୍ତ ସରକାରୀ ଓ ବେସରକାରୀ ଅଫିସ୍, ଅନୁଷ୍ଠାନ, ସ୍କୁଲ, କଲେଜ, ବ୍ୟାଙ୍କ ଏବଂ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଥିଲା। ପୂର୍ବାହ୍ନରେ ବିଭିନ୍ନ ଟ୍ରେଡ୍ ୟୁନିୟନ୍‌ର ନେତାମାନେ ଦଳ ଦଳ ହୋଇ ସହରର ବିଭିନ୍ନ ସ୍ଥାନରେ ପିକେଟିଂ କରି ଦୋକାନ ବଜାର ବନ୍ଦ କରିବା ସହ ସରକାରୀ, ବେସରକାରୀ କାର୍ଯ୍ୟାଳୟ ମଧ୍ୟ ବନ୍ଦ କରିଥିଲେ। ବାଲେଶ୍ୱର ରେଳଷ୍ଟେଶନଠାରେ ବିକ୍ଷୋଭ ପ୍ରଦର୍ଶନ କରି ଏକାଧିକ ଟ୍ରେନ୍‌ଗୁଡ଼ିକୁ ପ୍ରାୟ ୩ଘଣ୍ଟା ଧରି ଅଟକ ରଖିଥିଲେ। ଟିୟୁଏସିସିର ଚେୟାରମ୍ୟାନ୍ ପ୍ରଦୀପ୍ତ ପଣ୍ଡା ଓ ସାଧାରଣ ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ, ବରିଷ୍ଠ ଶ୍ରମିକନେତା ଅରୁଣ ଦେ, ଏଆଇଟିୟୁସିର ଜାତୀୟ ପରିଷଦ ସଦସ୍ୟ ଜୟନ୍ତ ଦାସ, ସିଆଇଟିୟୁର ରାଧାରମଣ ଷଡ଼ଙ୍ଗୀ, ପ୍ରମୁଖ ଉପସ୍ଥିତ ରହି ନେତୃତ୍ୱ ନେଇଥିଲେ।

**ସୋର, (ଡ଼ି.ଏନ.ଏ.):** କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନମାନଙ୍କ ଆହ୍ୱାନକ୍ରମେ ଚାଲିଥିବା ଦୁଇଦିନିଆ ବନ୍ଦ ଶାନ୍ତିପୂର୍ଣ୍ଣ ଭାବେ ସମ୍ପୂର୍ଣ୍ଣ ହୋଇଛି । ଏଆଇଟିୟୁସି, ଅଙ୍ଗନୱାଡି କର୍ମୀ, ପାଚିକା ସଂଘ, ଉଠା ଜଳସେଚନ ସଂଘ, ନିର୍ମାଣ ଶ୍ରମିକ ସଂଘର ସଦସ୍ୟମାନେ ସାମିଲ ହୋଇ ସୋର ବଜାର ପରିକ୍ରମା କରିଥିଲେ। ବିଭିନ୍ନ ଅଫିସ, ସ୍କୁଲ କଲେଜ ବନ୍ଦ ରହିଥିଲା। ତେବେ ଦୋକାନ ବଜାର ଖୋଲା ରହିଥିଲା। ଯାତ୍ରୀମାନେ ଯାତାୟାତ କରିବାରେ ଅସୁବିଧା ସମ୍ମୁଖୀନ ହୋଇଥିଲେ। ଜାତୀୟ ରାଜପଥରେ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ସମସ୍ତ ବ୍ୟାଙ୍କ, ପୋଷ୍ଟ ଅଫିସ ବନ୍ଦ ରହିଥିଲା। ଆନ୍ଦୋଳନକାରୀମାନେ ବିଭିନ୍ନ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

**ଖଇରା, (ଡି.ଏନ.ଏ.):** ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ୨ଦିନ ଧରି ଧର୍ମଘଟ ଡାକରା ଦିଆଯାଇଥିଲା। ଖଇରାରେ ବାମସାମ୍ମୁଖ୍ୟ ନେତା ଓ ପାଚିକା ସହାୟିକାମାନେ ଶୋଭାଯାତ୍ରାରେ ବଜାର ପରିକ୍ରମା କରିଥିଲେ। ଜଗତାନନ୍ଦ ମହାପାତ୍ର, ସନ୍ତୋଷ ସାହୁ, ସନ୍ତୋଷ ବିଶ୍ୱାଳ, ପ୍ରଶାନ୍ତ ବାରିକ ନେତୃତ୍ୱ ନେଇଥିଲେ।

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଗୁରୁବାର, ଜାନୁୟାରୀ ୧୦/୨୦୧୯ Balasore, Thursday, January 10/2019

## ସଂକ୍ଷେପରେ

### ପୋଖରୀରେ ପଡ଼ି ଶିଶୁ ମୃତ

ତିହିଡ଼ି, ୯।୧ (ଡି.ଏନ.ଏ.): ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ସିନ୍ଧୋଲ ପଞ୍ଚାୟତ ନୂଆପାଟଣା ଗ୍ରାମର ଶଶିକାନ୍ତ ଦାସଙ୍କ ପୁଅ ଶୁଭମ(୨) ବୁଧବାର ପୋଖରୀରେ ପଡ଼ି ପ୍ରାଣ ହରାଇଛନ୍ତି। ସେ ଖେଳୁଥିବା ବେଳେ ଘର ନିକଟସ୍ଥ ପୋଖରୀରେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ତିହିଡ଼ି ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତିହିଡ଼ି ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା(ନଂ.୧/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

### ଓଡ଼ିଶା ବାଳିକା କ୍ରିକେଟ ଟିମ୍‌ରେ ମୟୂରଭଞ୍ଜରୁ ୪



ବାରିପଦା ଅଫିସ,୯।୧: ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶ କ୍ରମେ ଚଳିତ ମାସ ୧୨ରୁ ୧୬ ତାରିଖ ପର୍ଯ୍ୟନ୍ତ ୧୭ବର୍ଷରୁ କମ ବର୍ଗର ବାଳିକାମାନଙ୍କର ଜାତୀୟ ସ୍ତରୀର କ୍ରିକେଟ ପ୍ରତିଯୋଗିତା ଆନ୍ଧ୍ର ପ୍ରଦେଶର ୱେଷ୍ଟ ଗୋଦାବରୀଠାରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଓଡ଼ିଶା ଟିମ୍ ପାଇଁ ମୟୂରଭଞ୍ଜ ଜିଲାରୁ ୪ଜଣ ବାଳିକା ଚୟନ ହୋଇଛନ୍ତି। ସେମାନେ ହେଲେ ଦୁଲି ବେସ୍ରା,ଅଇତା ମାର୍ଣ୍ଡି,ସଲମା ମାର୍ଣ୍ଡି ଏବଂ ଦୁଲି ସୋରେନ। ମୟୂରଭଞ୍ଜ ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଏହି ଖେଳାଳୀମାନଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।

### ଅବକାରୀ ଚଢ଼ାଉ, ଜଣେ ଗିରଫ

ବଡସାହି,୯।୧(ସ୍ୱ.ପ୍ର): ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ଡାହିସାହି ଗ୍ରାମର ଲେମ୍ବୁଧର ସିଂଙ୍କ ଠାରୁ ୨୦ଲିଟର ଦେଶୀ ମଦ ବଡ଼ସାହି ପୋଲିସ ଜବତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି । ଚୋରାରେ ଦେଶୀ ମଦ କାରବାର କରୁଥିବା ଖବରପାଇ ପୋଲିସ ଚଢଉ କରି ତାଙ୍କ ଠାରୁ ଏହି ମଦ ଜବତ କରିଛି। ଏ ସଂକ୍ରାନ୍ତରେ ଏକ ମାମଲା କେସ ନମ୍ବର ୫/୧୯ରେ ରୁଜୁ କରି ଅଭିଯୁକ୍ତଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି ।

### ଦୁର୍ଘଟଣାରେ ଟ୍ରାକ୍ଟର ଚାଳକଙ୍କ ଜୀବନ ଗଲା

ବଡ଼ସାହି,୯।୧(ସ୍ୱ.ପ୍ର): ବୁଧବାର ସନ୍ଧ୍ୟାରେ ମୟୂରଭଞ୍ଜ ଜିଲା ବଡସାହି ଥାନା ଅଧୀନ କାଦୁଆଲବନ୍ଧ ନିକଟରେ ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେବାରୁ ଦୁର୍ଘଟଣା ଘଟିଛି। ଚାଳକ କାଦୁଆଲବନ୍ଧ ଗ୍ରାମର ମହେଶ୍ୱର ସିଂ(୪୦)ଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ବଡ଼ସାହି ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ଏକ ଦୁର୍ଘଟଣା ମାମଲା ରୁଜୁ ପୂର୍ବକ ଟ୍ରାକ୍ଟରଟିକୁ ଜବତ କରିଛି ।

# ବୁଢ଼ାମରା-ଚାକୁଳିଆ ରେଳଲାଇନ ପାଇଁ ସର୍ଭେ ଆରମ୍ଭ

ବାରିପଦା ଅଫିସ,୯।୧

- ଭୁବନେଶ୍ୱର-ଦିଲ୍ଲୀ ଦୂରତା ୧୫୦ କି.ମି. କମିବ
- ଶ୍ରେୟ ଦାବି କଲା ଜେଏମଏମ
- ଲାଭାନ୍ୱିତ ହେବେ ନାହିଁ ଜିଲାବାସୀ-ଏମ୍‌ପି
- ସ୍ୱାର୍ଥ ପାଇଁ ଅନ୍ୟ ରେଳପଥକୁ ଗୁରୁତ୍ୱ ଦେଉଛନ୍ତି-ଜେଏମଏମ୍

ମୟୂରଭଞ୍ଜ ଜିଲା ଓ ଝାଡଖଣ୍ଡକୁ ସଂଯୋଗ କରୁଥିବା ବୁଢ଼ାମରା-ଚାକୁଳିଆ ୫୦ କି.ମି. ଦୂରତା ବିଶିଷ୍ଟ ରେଳପଥ ନିର୍ମାଣ ନିମନ୍ତେ ସର୍ଭେ କାମ ଆରମ୍ଭ ହୋଇଛି। ରେଲୱେ ବୋର୍ଡର ନିର୍ଦ୍ଦେଶ କ୍ରମେ ଦକ୍ଷିଣପୂର୍ବ ରେଳପଥର ଏକ ଟିମ୍ ସୋମବାର ଏହି ସର୍ଭେ ଆରମ୍ଭ କରିଛି। ଏହି ରେଳପଥ ନିର୍ମାଣ ହେଲେ ବୁଢ଼ାମରା ସହିତ ରୂପସା-ବାଙ୍ଗିରୀପୋଷି ରେଳ ଲାଇନ ମଧ୍ୟ ଯୋଡି ହୋଇ ରହିବ। ଏହା ସହିତ ଭୁବନେଶ୍ୱରରୁ ଦିଲ୍ଲୀର ଦୂରତା ୧୫୦ କି.ମି. କମିଯିବ। ହେଲେ ଏହି କାମର ଶ୍ରେୟ ନେବାକୁ ଜେଏମଏମ ଓ ବିଜେଡି ନେତୃବୃନ୍ଦ ଅଣ୍ଟା ଭିଡିଛନ୍ତି। ଉଭୟ ପକ୍ଷ ପରସ୍ପର ଉପରକୁ କାଦୁଅ ଫିଙ୍ଗା କରୁଥିବା ବେଳେ ଏହା ଜିଲା ରାଜନୀତିକୁ ସରଗରମ କରିଛି।

ଜେଏମଏମ ରାଜ୍ୟ ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନାଙ୍କ ପ୍ରେସ ବିବୃତି ଅନୁଯାୟୀ, ବୁଢ଼ାମରା-ଚାକୁଳିଆ ରେଲ ଲାଇନ ନିର୍ମାଣ ପାଇଁ ଜେଏମଏମ୍ ଦୀର୍ଘ ଦିନ ହେଲା ଆନ୍ଦୋଳନ ଚଳାଇ ଆସିଛି। ଜେଏମଏମର କେନ୍ଦ୍ରୀୟ ମୁଖପାତ୍ର ତଥା ବିଧାୟକ କୁନାଳ ଷଡଙ୍ଗୀ ଏବଂ ଜେଏମଏମ ଏମ୍‌ପି ବିଜୟ ହାଁସଦା ଗତ ୨ ତାରିଖରେ କେନ୍ଦ୍ର ରେଳମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ସାକ୍ଷାତ କରି ଏଥିନିମନ୍ତେ ଦାବି ଜଣାଇଥିଲେ। ରେଳମନ୍ତ୍ରୀ ମଧ୍ୟ ଗୁରୁତ୍ୱ ଦେଇ ଏହି ରେଳ ଲାଇନକୁ ସର୍ଭେ କରି ଏଷ୍ଟିମେଟ କରିବାକୁ ରେଲୱେ ବୋର୍ଡକୁ ନିର୍ଦ୍ଦେଶ ଦେଇଥିଲେ। ରେଲୱେ ବୋର୍ଡର ନିର୍ଦ୍ଦେଶ କ୍ରମେ ଦକ୍ଷିଣପୂର୍ବ ରେଳପଥର ଏକ ଟିମ ସୋମବାର ସର୍ଭେ ଆରମ୍ଭ କରିଛନ୍ତି। ସେହିପରି ବାଙ୍ଗିରୀପୋଷି-ଗୋରୁମହିଷାଣି, ବାଦାମପାହାଡ଼-କେନ୍ଦୁଝର, ବାରିପଦା-ନୀଳଗିରି ଭାୟା କପ୍ତିପଦା ରେଳପଥ ନିର୍ମାଣ ପାଇଁ ଜେଏମଏମ ଆନ୍ଦୋଳନ ଜାରି ରଖିଛି ବୋଲି ମଧ୍ୟ ସେ କହିଛନ୍ତି।

ଜିଲାରେ ବାଙ୍ଗିରୀପୋଷି-ଗୋରୁମହିଷାଣି ଏବଂ ବାଦାମପାହାଡ-କେନ୍ଦୁଝର ରେଳ ଲାଇନ ଆବଶ୍ୟକ କରୁଥିବା କହି ଗତ ରବିବାର ମୟୂରଭଞ୍ଜ ଏସ୍‌ପି ଇଂ ରାମଚନ୍ଦ୍ର ହାଁସଦା ଏକ ଖବରଦାତା ସମ୍ମିଳନୀର ଆୟୋଜନ କରିଥିଲେ। ତତ୍କାଳୀନ ମୟୂରଭଞ୍ଜ ଏମ୍‌ପି ଓ ତତ୍କାଳୀନ କେନ୍ଦ୍ର ରେଳମନ୍ତ୍ରୀଙ୍କ ଉଦ୍ୟମ ଯୋଗୁ ବୁଢ଼ାମରା-ଚାକୁଳିଆ ରେଳ ଲାଇନକୁ ପ୍ରଥମେ ସର୍ଭେ କରାଯାଇ ବାର୍ଷିକ ଆୟ ୧୪ ପ୍ରତିଶତ ଦର୍ଶାଯାଇଥିଲା। ହେଲେ ବୁଢ଼ାମରା-ଚାକୁଳିଆ ରେଳ ଲାଇନ ଏବେ କିନ୍ତୁ ସୁପ୍ତ ଅବସ୍ଥାକୁ ଫେରିଯାଇଥିବା ସେ କହିଥିଲେ। ଏହି ରେଳପଥ ହେଲେ ମଧ୍ୟ ମୟୂରଭଞ୍ଜବାସୀ ଲାଭାନ୍ୱିତ ହେବେ ନାହିଁ । ବରଂ ଅନ୍ୟ ଦୁଇଟି ନିର୍ଦ୍ଦିଷ୍ଟ ରେଳପଥ ଜିଲାରେ ଆବଶ୍ୟକ ବୋଲି ଏସ୍‌ପି ହାଁସଦା କହିଥିଲେ। ଏସ୍‌ପି ହାଁସଦାଙ୍କ ଏହି ମତାମତକୁ ଜେଏମଏମ ପକ୍ଷରୁ ସମାଲୋଚନା କରାଯିବା ସହିତ ବ୍ୟକ୍ତିଗତ ରାଜନୀତି ପାଇଁ ଏସ୍‌ପି ଏଭଳି ବକ୍ତବ୍ୟ ଦେଇଥିବା କୁହାଯାଇଛି। ଅନ୍ୟପକ୍ଷରେ ଏମ୍‌ପିଙ୍କ ପ୍ରେସ ମିଟ୍‌ର ଦୁଇ ଦିନ ନ ପୂରୁଣୁ ଏହି ରେଳ ଲାଇନ ପାଇଁ ସର୍ଭେ ଆରମ୍ଭ ହୋଇଛି। ଏମ୍‌ପିଙ୍କ ଏହି କଥାରେ ମତ ରଖି ଜେଏମଏମ ରାଜ୍ୟ ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା କହିଛନ୍ତି ଯେ ନିଜ ସ୍ଥିତି ଓ ରାଜନୈତିକ ଫାଇଦା ପାଇଁ ଏସ୍‌ପି ଏହି ମନ୍ତବ୍ୟ ଦେଇଛନ୍ତି। ଏହି ରେଳ ପଥ ପାଇଁ କେବଳ ଜେଏମଏମ ଆନ୍ଦୋଳନ କରିଛି। ଏହା ପରେ ସମଗ୍ର ଜିଲାବାସୀ ଏହି ଦାବିକୁ ସମର୍ଥନ କରି ଆନ୍ଦୋଳନରେ ସାମିଲ ହୋଇଥିଲେ। ଯାହା ଫଳରେ ଏହା ସଫଳ ହୋଇ ପାରିଛି ବୋଲି ମଧ୍ୟ ସେ କହିଛନ୍ତି।

### ଔଷଧ ବ୍ୟବସାୟୀ ସଂଘର ଆନ୍ଦୋଳନ



ରାଇସୁଆଁ,୯।୧(ଡି.ଏନ.ଏ.)

କେନ୍ଦ୍ରସରକାରଙ୍କ ଅନଲାଇନ ଔଷଧ ବିକ୍ରିକୁ ବିରୋଧ କରି କେନ୍ଦୁଝର ଜିଲା ଔଷଧ ବ୍ୟବସାୟୀ ସଂଘ ପକ୍ଷରୁ ବୁଧବାର ଆନ୍ଦୋଳନ କରାଯାଇଥିଲା। ବ୍ୟବସାୟୀମାନେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ କେନ୍ଦୁଝର ଜିଲା ଔଷଧ ବ୍ୟବସାୟୀ ସଂଘ ସମ୍ପାଦକ ଉମାକାନ୍ତ ସ୍ୱାଇଁ, ସୁବାସ ଚନ୍ଦ୍ର କୁଅଁର, ଦର୍ଶନ ସାହୁ, ଧିରେନ ବେହେରା, ରାଜେନ୍ଦ୍ର ସାହୁ, ପ୍ରଭାକର ପ୍ରଧାନ ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

## ଅଖଣ୍ଡ ଶିକାର ରୋକିବାକୁ ପାଟ୍ରୋଲିଂ କଡ଼ାକଡ଼ି

କପ୍ତିପଦା,୯।୧(ଡି.ଏନ.ଏ)

ମୟୂରଭଞ୍ଜ ଜିଲାର ଗଣପର୍ବ ମକର ଉପଲକ୍ଷେ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ଶିମିଳିପାଳରେ ଅଖଣ୍ଡ ଶିକାର କରିବା ଉଦ୍ଦେଶ୍ୟରେ ପ୍ରବେଶ କରିଥାନ୍ତି । ଜିଲା ବନବିଭାଗ ପକ୍ଷରୁ ମଧ୍ୟ ସେମାନଙ୍କୁ ରୋକିବା ଉଦ୍ଦେଶ୍ୟରେ ବ୍ୟାପକ ପ୍ରସ୍ତୁତି କରାଯାଇଥାଏ । ଚଳିତ ବର୍ଷ ମଧ୍ୟ ଏହି ଶିକାର ପାଇଁ ଶିମିଳିପାଳ ପାଦଦେଶରେ ଥିବା ବିଭିନ୍ନ ଗ୍ରାମରେ ସଜବାଜ ଚାଲିଥିବାର ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି । ଏ ସମ୍ପର୍କରେ କପ୍ତିପଦା ରେଞ୍ଜର ମହେଶ୍ୱର ସିଂଙ୍କୁ ପଚାରିବାରୁ ସେ କହନ୍ତି ଏହାକୁ ଦୃଷ୍ଟିରେ ରଖି ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯାଇଛି । ବିଗତ ବର୍ଷ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଅଖଣ୍ଡ ଶିକାର ଉଦ୍ଦେଶ୍ୟରେ ବ୍ୟବହୃତ ୩୫ଟି ଫାଶ, ୧୨ଟି ଧନୁତୀର, ୩ଟି ହନୁମାନ କରତ ଓ ପକ୍ଷୀ ଧରିବା ପାଇଁ ଅଠାକାଠି ବନବିଭାଗ ପକ୍ଷରୁ ଜବତ କରାଯାଇଥିଲା ।

■ ଗୋରୁ ବୋଝେଇ କଣ୍ଟେନର ଜବତ

## ୪୮ ଗୋରୁ ଉଦ୍ଧାର, ୨ ଅଟକ

ଭଦ୍ରକ ଅଫିସ, ୯।୧

ଯାଜପୁରରୁ କଲିକତା ଅଭିମୁଖେ ଯାଉଥିବା ଏକ ଗୋରୁ ବୋଝେଇ କଣ୍ଟେନରକୁ ଭଦ୍ରକ ଟାଉନ ଥାନା ପୋଲିସ ଜବତ କରିଛି। କଣ୍ଟେନରରୁ ୪୮ ଗୋରୁ ଉଦ୍ଧାର କରାଯାଇଛି। ଏହି ଘଟଣାରେ ୨ଜଣଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଥିବା ଟାଉନ ଥାନାଧିକାରୀ ଦିଲୀପ ସାହୁ ସୂଚନା ଦେଇଛନ୍ତି। ପୋଲିସ ସୂଚନା ଅନୁସାରେ, ମଙ୍ଗଳବାର ବିଳମ୍ବିତ ରାତିରେ ଯାଜପୁରରୁ ଆସୁଥିବା ଏହି କଣ୍ଟେନର ପିକ୍‌ନିକ୍ ସାରି ଭଦ୍ରକ ଫେରୁଥିବା ଏକ ଭିଲେଜର ଗାଡ଼ିକୁ ଧକ୍କା ଦେବାକୁ ଉଦ୍ୟମ କରିଥିଲା। ଭିଲେଜର ଗାଡ଼ିରେ ଥିବା ଯୁବକମାନେ ଏ ସମ୍ପର୍କରେ ଭଦ୍ରକ ଟାଉନ ପୋଲିସକୁ ଖବର ଦେଇଥିଲେ। ଟାଉନ ପୋଲିସ ୧୬ ନମ୍ବର ଜାତୀୟ ରାଜପଥ ଡାହାଣିଗଡିଆ ନିକଟରୁ ଗୋରୁ ବୋଝେଇ କଣ୍ଟେନରକୁ ଜବତ କରିଥିଲା।



ଜବତ ହୋଇଥିବା ଗୋରୁ ବୋଝେଇ କଣ୍ଟେନର।

## ଦିବ୍ୟାଙ୍ଗଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥାର ତଦାରଖ

ବାଲେଶ୍ୱର ଅଫିସ, ୯।୧

ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଉପରେ ତଦାରଖ ଲାଗି ବୁଧବାର ବାଲେଶ୍ୱର ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ବାସଭବନରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପରିସଂଖ୍ୟାନ କରାଯିବା ଏବଂ ଘରୋଇ ସଂସ୍ଥାଗୁଡ଼ିକରେ ୪ ପ୍ରତିଶତ ଚାକିରି ସଂରକ୍ଷଣ ଉପରେ ଆଲୋଚନା କରାଯାଇଥିଲା। ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଗଣନା କରିବା ପାଇଁ ଜିଲା ପ୍ରକଳ୍ପ ସଂଯୋଜକ ଏବଂ ଅଣଛାତ୍ରୀଛାତ୍ରଙ୍କ ପରିସଂଖ୍ୟାନ ସ୍ଥାନୀୟ ଅଙ୍ଗନୱାଡ଼ି କର୍ମୀଙ୍କ ମାଧ୍ୟମରେ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ସେମାନଙ୍କ ପାଇଁ ଘରୋଇ ସଂସ୍ଥାରେ ୫ ପ୍ରତିଶତ ଚାକିରି ସଂରକ୍ଷଣ ବ୍ୟବସ୍ଥା ସହ ଦିବ୍ୟାଙ୍ଗମାନେ ବସ୍‌ରେ ଯାତାୟାତ ସମୟରେ କଣ୍ଡକ୍ଟରମାନଙ୍କ ଦ୍ୱାରା ହେଉଥିବା ନିର୍ଯାତନା ଏବଂ ଶୋଷଣ ବିରୋଧରେ ଅଭିଯୋଗ ହେଲେ ପୋଲିସ୍ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଆଲୋଚନା ହୋଇଛି। ଦିବ୍ୟାଙ୍ଗମାନେ ଯେପରି ଅନଲାଇନ୍ ମାଧ୍ୟମରେ ପ୍ରମାଣପତ୍ର ପାଇପାରିବେ ସେଥିପାଇଁ ପ୍ରକ୍ରିୟାକୁ ସକ୍ରିୟ କରାଯାଇଥିବା ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରକାଶ କରିଥିଲେ। ନିରାମୟ ଯୋଜନାରେ ମାଗଣା ଔଷଧ, ରାଶନକାର୍ଡ଼, ବସ୍ ଭଡ଼ା ରିହାତି, ଉପଲବ୍ଧ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ତ୍ରିଲୋଚନ ପ୍ରଧାନ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ କମଳାକାନ୍ତ ବେହେରା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ପିଏଚ୍ଓ ଡା. ବିବେକାନନ୍ଦ ଦାସ, ଆଞ୍ଚଳିକ ପରିବହନ ଅଧିକାରୀ ବିକାଶ ଚୌଧୁରୀ, ଜିଲା ଜରୁରୀକାଳୀନ ଅଧିକାରୀ କମଳାକାନ୍ତ ପଣ୍ଡା, ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ହରିହର ଜେନା, ଜିଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ଡ. ନିତ୍ୟାନନ୍ଦ ଦାସ ଓ ଜିଲା ନିୟୋଜନ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ ।

## ୧୯ରୁ ‘ସ୍ୟାଣ୍ଡଫେଷ୍ଟ-୨୦୧୯’

ବାଲେଶ୍ୱର ଅଫିସ, ୯।୧

ବାଲେଶ୍ୱର ଗାନ୍ଧୀ ସ୍ମୃତି ଭବନରେ ଆସନ୍ତା ୧୯ତାରିଖଠାରୁ ଆରମ୍ଭ ହେବ ‘ସ୍ୟାଣ୍ଡଫେଷ୍ଟ-୨୦୧୯’। ଦୁଇଦିନ ଧରି ଆୟୋଜିତ କାର୍ଯ୍ୟକ୍ରମରେ ନୃତ୍ୟ, ଗୀତ, ର୍ୟାମ୍ପ ଶୋ’ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହେବା ସହିତ ପ୍ରଥମକରି ଶାସ୍ତ୍ରୀୟ ନୃତ୍ୟ ଓ ଗ୍ରୁପ୍ ଡ୍ୟାନ୍ସ ପ୍ରତିଯୋଗିତାରେ ବାଲେଶ୍ୱର ଜିଲା ସମେତ ଅନ୍ୟ ଜିଲାରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିପାରିବେ ବୋଲି ଚେୟାରମ୍ୟାନ ଅଜୟ କୁମାର ବିଶ୍ୱାଳ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

ଏଥିରେ ସବ୍‌ଜୁନିୟର ବିଭାଗ ୩ରୁ ୭ ବର୍ଷ ବୟସ, ଜୁନିୟର ବିଭାଗର ୮ରୁ ୧୪ ବର୍ଷ , ସିନିୟର ବିଭାଗର ୧୫ ବର୍ଷରୁ ଅଧିକ ବୟସ ପିଲାମାନଙ୍କ ପାଇଁ ମିଷ୍ଟର ଏବଂ ମିସ୍ ସ୍ୟାଣ୍ଡଫେଷ୍ଟ ପ୍ରତିଯୋଗିତା ମଧ୍ୟ ହେବ। ଆଗ୍ରହୀ ପ୍ରତିଯୋଗୀ ସ୍ୱର୍ଗ ଡେଭେଲପର, ପୁରୁଣା ଏସ୍‌ବିଆଇ ବିଲ୍ଡିଂ ଏବଂ ଗାନ୍ଧୀସ୍ମୃତି ଭବନରେ ନାମ ପଞ୍ଜୀକୃତ କରାଯିବାର ସ୍ଥିର ହୋଇଛି। ଏହି ଅବସରରେ ଚାରାରୋପଣ, ସ୍ୱଚ୍ଛ ଭାରତ ମିଶନ, ସଚେତନତା ଶିବିର ଭଳି ବହୁ ଉନ୍ନୟନମୂଳକ କାର୍ଯ୍ୟକ୍ରମ ହାତକୁ ନେବାର ସ୍ଥିର କରାଯାଇଛି।

## ଛଡ଼ାଇନେଲେ ବାଲି ବୋଝେଇ ଟ୍ରାକ୍ଟର

ବଡ଼ସାହି,୯।୧(ସ୍ୱ.ପ୍ର)



ଦୁର୍ବୃତ୍ତ ଛଡାଇ ନେଇଥିବା ଟ୍ରାକ୍ଟର।

ବଡ଼ସାହି ତହସିଲ ଅଧୀନ ବୁଢାବଳଙ୍ଗ ନଦୀ ପଠାରୁ ଚୋରାରେ ବାଲି ବୋଝେଇ କରି ଯାଉଥିବା ଏକ ଟ୍ରାକ୍ଟରକୁ ପ୍ରଶାସନ ଉପସ୍ଥିତିରେ କେତେକ ଲୋକେ ଛଡାଇ ନେଇଛନ୍ତି। ଏହାକୁ ନେଇ ବାଗୁଲି ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ବୁଧବାର ଅପରାହ୍ନରେ ବାଗୁଲି ସୈରାତରୁ ଚୋରାରେ ବାଲି ବୋଝେଇ କରି ପରିବହନ କରୁଥିବା ଏକ ଟ୍ରାକ୍ଟରକୁ ଲିଜଧାରୀ ଓ ସହଯୋଗୀ ଅଟକ ରଖି ତହସିଲଦାରଙ୍କୁ ଖବର ଦେଇଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ଦୁର୍ଗାପୁର ରାଜସ୍ୱ ନୀରିକ୍ଷକ ଜଗନ କୁମାର ନାଏକ ଘଟଣା ସ୍ଥଳରେ ପହଞ୍ଚି ତାହାକୁ ଜବତ କରିଥିଲେ । ତେବେ ଟ୍ରାକ୍ଟରଟିକୁ ଥାନାକୁ ଆଣିବା ପୂର୍ବରୁ କିଛି ଲୋକ ସେଠାରେ ପହଞ୍ଚି ଟ୍ରାକ୍ଟରରୁ ବାଲି ଖାଲି କରି ବଳପୂର୍ବକ ନେଇ ପଳାଇଥିଲେ । ଏନେଇ ନୀରିକ୍ଷକ ଜଗନ ନାଏକ ତହିଲଦାରଙ୍କୁ ଅବଗତ କରିଛନ୍ତି । ଅଭିଯୋଗ ଆସିଲେ ଥାନାରେ ମାମଲା ରୁଜୁ ହେବ ବୋଲି ଥାନାଧିକାରୀ ଜୟନାରାୟଣ ଖଣ୍ଡାଇ କହିଛନ୍ତି ।

ଅନ୍ୟ ଏକ ଘଟଣାରେ ମଙ୍ଗଳବାର ଥାନାଧିକାରୀ ପାଟ୍ରୋଲିଂ କରୁଥିବା ସମୟରେ ହରିପୁର ନିକଟରୁ ଏକ ବାଲି ବୋଝେଇ କରି ପରିବହନ କରୁଥିବା ଟ୍ରାକ୍ଟରକୁ ଅଟକ ରଖି କାଗଜପତ୍ର ମାଗିଥିଲେ। ମାତ୍ର ଚାଳକ ସାନପରାଣ ମୁର୍ମୁ କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ଟ୍ରାକ୍ଟରକୁ ଜବତ କରି ବଡ଼ସାହି ତହସିଲଦାର ଅମୀୟ କୁମାର ରାଉତଙ୍କୁ ଅବଗତ କରିଥିଲେ । ତେବେ ବଡ଼ସାହି ତହସିଲ ଅଞ୍ଚଳରେ ଥିବା ସରକାରୀ ସୈରାତରୁ ଚୋରି ହେବା ନେଇ ଲିଜଧାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ରାଜସ୍ୱ ଡିପୋଜିଟ କରିବା ପରେ ମଧ୍ୟ କିଛି ଅସାଧୁ ମାଫିଆମାନେ ଏପରି କାର୍ଯ୍ୟକଳାପ ଚଳାଉଛନ୍ତି । ରାଜସ୍ୱ ବିଭାଗ ପକ୍ଷରୁ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

# ଧାନ କିଣାରେ ଅବ୍ୟବସ୍ଥା: ତାତିଲେ ଚାଷୀ

ଖୁଣ୍ଟା,୯।୧(ଡି.ଏନ.ଏ.)

- ତାଲା ପକାଇ ଧାରଣାରେ ବସିଲେ
- ବୁଝାଶୁଝା ପରେ ଆନ୍ଦୋଳନ ପ୍ରତ୍ୟାହୃତ

ଖୁଣ୍ଟା ବ୍ଲକ ଅଧୀନ ବାସିପିଠା ଲ୍ୟାମ୍ପରେ ଧାନ କିଣାରେ ଅବ୍ୟବସ୍ଥା ଯୋଗୁଁ ବୁଧବାର ଚାଷୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଛି। ଏହାକୁ ପ୍ରତିବାଦ କରି ବହୁ ଚାଷୀ ଲ୍ୟାମ୍ପ କାର୍ଯ୍ୟାଳୟରେ ତାଲା ପକାଇବା ସହିତ ଧାରଣାରେ ବସିଥିଲେ। ପରବର୍ତ୍ତୀ ସମୟରେ ପୋଲିସର ହସ୍ତକ୍ଷେପ ପରେ ସମାଧାନ ହୋଇଥିଲା ।

ବାସିପିଠା ଲ୍ୟାମ୍ପରେ ପ୍ରତି ମଙ୍ଗଳବାର ଓ ଶୁକ୍ରବାର ଧାନ କ୍ରୟ କରିବାର ନିୟମ କରାଯାଇଛି । ସେହି ଅନୁଯାୟୀ ଚାଷୀମାନେ ମଙ୍ଗଳବାର ଧାନ ବିକ୍ରି କରିବା ପାଇଁ ଲ୍ୟାମ୍ପସ ପରିସରକୁ ଆସିଥିଲେ । ତେବେ ଭାରତ ବନ୍ଦ ହେତୁ ମିଲର ଧାନ ଉଠାଇବା ପାଇଁ ଆସିପାରି ନ ଥିଲେ । ଫଳରେ ଚାଷୀମାନେ ମଙ୍ଗଳବାର ଓ ବୁଧବାର ଲ୍ୟାମ୍ପସ ଜଗି ରହିଥିବା ବେଳେ ସେମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ପରବର୍ତ୍ତୀ ସମୟରେ ଚାଷୀମାନେ ଲ୍ୟାମ୍ପ କାର୍ଯ୍ୟାଳୟକୁ ତାଲା ପକାଇ ଧାରଣାରେ ବସିଥିଲେ । ସୂଚନା ପାଇ ଖୁଣ୍ଟା ପୋଲିସ ଓ କାଳିଆ ଯୋଜନାରେ ଟ୍ରେନିଂରେ ଥିବା ଏମ ଡ଼ି ସିଲି ପୁଥାଳ ଓ ଧାନ କ୍ରୟ କମିଟିର ଅସ୍ଥାୟୀ ସଭାପତି ଶ୍ରୀନିବାସ ନାଏକ ଲ୍ୟାମ୍ପରେ ପହଞ୍ଚି ପରିସ୍ଥିତ ସମ୍ପର୍କରେ ଚାଷୀଙ୍କୁ ପଚାରି ବୁଝିଥିଲେ। ପରବର୍ତ୍ତୀ ସମୟରେ ଗୁରୁବାର ଧାନ କିଣା ଯିବାର ପ୍ରତିଶ୍ରୁତି ଦିଆଯିବା ପରେ ଚାଷୀମାନେ ଅପରାହ୍ନରେ ଧାରଣାରୁ ଉଠିଥିଲେ।



ବାସିପିଠା ଲ୍ୟାମ୍ପ ସମ୍ମୁଖରେ ଉତ୍ତ୍ୟକ୍ତ ଚାଷୀଙ୍କ ଧାରଣା।




୩୩

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଆହତ ଅଙ୍ଗନୱାଡ଼ି କର୍ମୀଙ୍କ ମୃତ୍ୟୁ

**ହାଟଡିହୀ, ୯।୧(ଡି.ଏନ.ଏ.)-** ଦୁର୍ଘଟଣାରେ ଆହତ ହୋଇଥିବା ହାଟଡିହୀ ବ୍ଲକ ବାଙ୍ଗୋର ପଞ୍ଚାୟତ କୁଶଟିକିରି ଅଙ୍ଗନୱାଡ଼ି କେନ୍ଦ୍ର କର୍ମୀ କିରଣ ନାଇକ(୪୫)ଙ୍କ ମୃତ୍ୟୁ ଘଟିଛି। ଉଲ୍ଲେଖନୀୟ ଯେ, ସେ ମଙ୍ଗଳବାର ଜଣେ ସ୍ୱାସ୍ଥ୍ୟ କର୍ମୀଙ୍କ ସହ ବାଇକରେ ଚଞ୍ଚଳପଡ଼ା ଗ୍ରାମକୁ କାମରେ ଯାଇଥିଲେ। ଫେରୁଥିବାବେଳେ ଚଞ୍ଚଳପଡ଼ା ନିକଟରେ ବାଇକରୁ ଖସି ପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ବୁଧବାର କଟକରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

### ପରିବେଶବିତ୍ କଳାକାର ନାଏକଙ୍କ ପରଲୋକ

**ଯୋଡା/ବଡବିଲ୍, ୯।୧(ଡି.ଏନ.ଏ.)-** ଯୋଡାର ଖବରଦାତା ତଥା ପରିବେଶବିତ୍ କଳାକାର ନାଏକଙ୍କର ବୁଧବାର ଅପରାହ୍ନ ୧.୪୫ ମିନିଟ୍ ସମୟରେ ଯୋଡା ଟାଟା ଷ୍ଟିଲ୍ ଡାକ୍ତରଖାନାରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୯୩ ବର୍ଷ ହୋଇଥିଲା। ସ୍ୱର୍ଗତ କଳାକାର ନାଏକ ଏକାଧାରରେ ଜଣେ ଐତିହାସିକ, ବରିଷ୍ଠ ଖବରାଦାତା, ତ୍ରୀଚକ୍ର ଖବରକାଗଜର ସମ୍ପାଦକ, ଶିକ୍ଷାବିତ୍, ପରିବେଶବିତ୍ ତଥା ଜଣେ ଟାଣୁଆ ଆଦିବାସୀ ନେତା ଥିଲେ। ତାଙ୍କ ଘର ଯୋଡା ବ୍ଲକ ବିରିକଳା ପଞ୍ଚାୟତର ଗୋବିନ୍ଦପୁର ଗ୍ରାମରେ। ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ପଞ୍ଚାୟତରେ ପଞ୍ଚାୟତ ସେକ୍ରେଟାରୀ ଭାବେ କାର୍ଯ୍ୟ ଓ ଶିକ୍ଷକତା କରିଥିଲେ । ଗରିବ ଆଦିବାସୀଙ୍କୁ ନ୍ୟାର୍ଯ୍ୟଦାବି ପ୍ରଦାନ ଓ ଲକ୍ଷ୍ୟ ନେଇ ଟାଟା ଷ୍ଟିଲ୍ ଶ୍ରମିକ ସଂଘରେ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ଯୋଡାରୁ ପ୍ରକାଶ ପାଉଥିବା ଘଟଣା ଦୁନିଆ ଓ ତ୍ରୀଚକ୍ର ଖବରକାଗଜର ସମ୍ପାଦକ, ରାଜ୍ୟସ୍ତରୀୟ ଧରଣୀଧର ସ୍ମୃତି ପରିଷଦର ସଭାପତି ଓ ପରିବେଶ ସୁରକ୍ଷା ସମିତିର ସଭାପତି ଥିଲେ । ଏତଦବ୍ୟତୀତ ଭାଜପା ଦଳରୁ ଏମ୍‌ପି ଓ କଂଗ୍ରେସ ଦଳରୁ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିଥିଲେ । ତାଙ୍କର ଶେଷ ଦର୍ଶନ ପାଇଁ ଯୋଡାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଖବରଦାତାମାନେ ତାଙ୍କ ଯୋଡାସ୍ଥିତ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

### କାଠ ବୋଝେଇ ଗାଡ଼ି ଜବତ, ୩ ଗିରଫ

**ହାଟଡିହୀ, ୯।୧(ଡି.ଏନ.ଏ.)-** କେନ୍ଦୁଝର ଜିଲା ହାଟହିହୀ ବ୍ଲକ ଅଧୀନ ସୁନ୍ଦରପାଳ ନିକଟରୁ ଏକ କାଠ ବୋଝେଇ ପିକ୍‌ଅପ୍ ବନ ବିଭାଗ ଜବତ କରିଛି। ଏଥିସହ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଡ୍ରାଇଭର ଆଗରପଡ଼ା ଅଞ୍ଚଳର ମଦନ ମୋହନ ନାଥ, କ୍ରେତା ଆନନ୍ଦପୁର ଥାନା କନ୍ତଡ଼ାର ଗୋବିନ୍ଦ ଟୁଡ୍ଡୁ, ବିକ୍ରେତା ସୋସୋ ଥାନା ଅଧୀନ ମଟରାଗଡ଼ିଆର ବଟକୃଷ୍ଣ ସେଠୀ। ଉକ୍ତ ଗାଡ଼ି ଆଗରପଡ଼ା ନରାଜପୁର ଅଞ୍ଚଳର ବୋଲି ଜଣାପଡ଼ିଛି। ଆନନ୍ଦପୁର ଡିଏଫ୍‌ଓ ଅଜିତ୍ ଶତପଥୀଙ୍କ ନିର୍ଦ୍ଦେଶରେ ଏସିଏଫ୍ ପ୍ରଫୁଲ୍ଲ ମଲିକଙ୍କ ତତ୍ତ୍ୱାବଧାନରେ ସୁରେନ୍ଦ୍ର ହେମ୍ବ୍ରମ, ଅନନ୍ତ ପରିଡ଼ା, ହଦଗଡ଼ ଓ ଆନନ୍ଦପୁର ବନ କର୍ମଚାରୀ ଚଢ଼ାଉରେ ସାମିଲ ଥିଲେ।

# ଏକଜୁଟ ହେଲେ ଉଁଚବାଲି ଗ୍ରାମବାସୀ

**ଯୋଡା, ୯।୧(ଡି.ଏନ.ଏ.)**


ବିଧାୟକଙ୍କ ବିରୋଧରେ ଉଁଚବାଲୀ ଗ୍ରାମବାସୀ ଏକଜୁଟ୍ ହୋଇଛନ୍ତି।

- ଉନ୍ନୟନ କାର୍ଯ୍ୟ ନାଁରେ ଅର୍ଥ ହଡପ ଅଭିଯୋଗ
- ବିଧାୟକଙ୍କ ବିରୋଧରେ ଧାରଣା ଦେବାକୁ ଧମକ

କେନ୍ଦୁଝର ଜିଲା ଯୋଡା ଖଣି ମଣ୍ଡଳ ଅନ୍ତର୍ଗତ ଉଁଚବାଲି ଗ୍ରାମବାସୀ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ଙ୍କ ଏକଚାଟିଆ ଖଣି ବ୍ୟବସାୟ ବିରୋଧରେ ଏକଜୁଟ୍ ହୋଇଛନ୍ତି । ବୁଧବାର ଯୁବନେତା ସଞ୍ଜୟ ବାରିକଙ୍କ ନେତୃତ୍ୱରେ ଶତାଧିକ ଉଁଚବାଲି ଗ୍ରାମବାସୀ ଏକ ବୈଠକରେ ସାମିଲ ହୋଇ ଆନ୍ଦୋଳନ ଧମକ ଦେଇଛନ୍ତି ।

ଗ୍ରାମବାସୀ ଅଭିଯୋଗ କରିଛନ୍ତି, ଦୀର୍ଘ ୧୨ ବର୍ଷ ହେବ ଚମ୍ପୁଆ ବିଧାୟକ ଉଁଚବାଲି ଗ୍ରାମର ୬୦୦ ଲୋକଙ୍କଠାରୁ ୧ ହଜାର ଟଙ୍କା ଲେଖାଏଁ ନେଇ ଉଁଚବାଲି ଡେଭେଲପମେଣ୍ଟ କମିଟି ଗଠନ କରିଥିଲେ। ଏହି କମିଟିକୁ ଏକ ଖଣି କମ୍ପାନୀ ଟନ୍ ପିଛା ୧୫ ଟଙ୍କା ହିସାବରେ ଲକ୍ଷାଧିକ ଟଙ୍କା ଦେଇଛି। ଏହି ଅର୍ଥରେ ଗ୍ରାମର ରାସ୍ତାଘାଟ, ସ୍ୱାସ୍ଥ୍ୟ ସେବା, ସ୍କୁଲବସ୍, ପାନୀୟ ଜଳଯୋଗାଣ, ବିଦ୍ୟୁତ ଯୋଗାଣ କରାଯିବା ପରିବର୍ତ୍ତେ ଗ୍ରାମରେ କୌଣସି ଉନ୍ନତିମୂଳକ କାର୍ଯ୍ୟ କରାଯାଇ ନ ଥିବା ଗ୍ରାମବାସୀ ବୈଠକରେ ଅଭିଯୋଗ କରିଛନ୍ତି । ମା’କୁଆଁରୀ ଟ୍ରାନ୍ସପୋର୍ଟ ସଂସ୍ଥା କରି ସ୍ଥାନୀୟ ଲୋକଙ୍କୁ ଏଥିରେ ଅଂଶୀଦାର କରାଯିବାର ପ୍ରତିଶ୍ରୁତି ଦେଇ ପରବର୍ତ୍ତୀ ସମୟରେ ବିଧାୟକଙ୍କ ସମର୍ଥକମାନେ ପରିବହନ କାର୍ଯ୍ୟ କରି ଦୀର୍ଘ ୧୨ ବର୍ଷ ହେବ ଏହାର ହିସାବକିତାବ ରଖିନାହାନ୍ତି। ସେହିପରି ଚତୁର୍ଭୁଜ ଡେଭେଲପମେଣ୍ଟ କମିଟି ଗଠନ କରାଯାଇଥିଲା । ସ୍ଥାନୀୟ ୪୨ ଜଣ ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ନେଇ ସ୍ଥାନୀୟ ଖଣିରେ ପରିବହନ କାର୍ଯ୍ୟ କରି ଅଂଶୀଦାରମାନଙ୍କୁ ଲାଭାଂଶ ଦେବାର ପ୍ରତିଶ୍ରୁତି ଦିଆଯାଇଥିଲା। କେତେଜଣ ଲୋକଙ୍କୁ ଭଡା ଆକାରରେ ଟଙ୍କା ଦେବା ପରେ ତାହା ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି। ଏହାର ହିସାବକିତାବ ରଖିବାକୁ ଗ୍ରାମବାସୀ ଦାବି କରିବାରୁ ସେମାନଙ୍କୁ ଧମକ ଦିଆଯାଉଥିବା ଏହି ବୈଠକରେ ଅଭିଯୋଗ କରାଯାଇଛି । ବିଧାୟକ ଏବଂ ତାଙ୍କ ଟ୍ରାନ୍ସପୋର୍ଟ ସଂସ୍ଥାକୁ ୪ ଦିନ ମଧ୍ୟରେ ଉକ୍ତ ବିବାଦର ସମାଧାନ କରାଯିବାକୁ ଗ୍ରାମବାସୀ ବୈଠକରେ ଜଣାଇଛନ୍ତି । ଏହି ସମୟସୀମା ମଧ୍ୟରେ ଏହି ବିବାଦର କୌଣସି ସମାଧାନ କରା ନ ଗଲେ ଗ୍ରାମବାସୀ ବିଧାୟକଙ୍କ ମା’ କୁଆଁରୀ ଟ୍ରାନ୍ସପୋର୍ଟ ସଂସ୍ଥାର କାର୍ଯ୍ୟାଳୟ ଏବଂ ଉଁଚବାଲି କ୍ୟାମ୍ପଠାରେ ଧାରଣାରେ ବସିବେ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି ଯୁବନେତା ସଞ୍ଜୟ ବାରିକ, ସତ୍ୟବ୍ରତ ପ୍ରଧାନ, ଭୀମସେନ୍ ବାରିକ୍, ବିରଞ୍ଚି ନାଏକ, ମହେନ୍ଦ୍ର ନାଏକ, ଅପର୍ଣ୍ଣା ନାଏକ, ପାର୍ବତୀ ନାଏକ, ରାଧା ନାଏକ, ଅରୁଣ ମୁଣ୍ଡା, ମହେନ୍ଦ୍ର ମାଝି, ଶାନ୍ତିଲତା ରାଉତ ପ୍ରମୁଖ କହିଛନ୍ତି। ବିଧାୟକ ମହାକୁଡ଼ଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ସୁଦ୍ଧା କୌଣସି ମତାମତ ମିଳିପାରିନାହିଁ। ହେଲେ ତାହା ସମ୍ଭବ ହୋଇପାରିନାହିଁ ।

# ନିର୍ମାଣ ପରେ ବି କାମରେ ଲାଗୁନାହିଁ ଗୋଷ୍ଠୀ ଶୌଚାଳୟ

**ଚମ୍ପୁଆ, ୯।୧(ଡି.ଏନ.ଏ.)**

ଚମ୍ପୁଆ ଏନ.ଏ.ସିକୁ ବାହ୍ୟ ମଳମୁକ୍ତ ସହର ଭାବେ ଗଢି ତୋଳିବାକୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଛି। ୧୩ ଗୋଟି ୱାର୍ଡରେ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ କରାଯାଇ ୱାର୍ଡବାସୀଙ୍କୁ ଘରେ ଘରେ ପାଇଖାନା ନିର୍ମାଣ ଓ ୱାର୍ଡ ଗୁଡିକରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଛି। ମାତ୍ର ନିର୍ମାଣ ଶେଷ ପରେବି ତାହା କାମରେ ଲାଗୁନାହିଁ। ଯାହାର ଉଦାହରଣ ପାଲଟିଛି ୧ନଂ ୱାର୍ଡ ଗୋଧୂଳିଠାରେ ନିର୍ମାଣ କରାଯାଇଥିବା ଗୋଷ୍ଠୀ ଶୌଚାଳୟ। ଆର୍ଥିକ ବର୍ଷ ୨୦୧୮-୧୯ରେ ଏକ ଲକ୍ଷ ସତୁରୀ ହଜାର ଅଟୋକଳ ବ୍ୟୟରେ ନିର୍ମାଣ କରାଯାଇଥିବା ଏହି ଏହି ଗୋଷ୍ଠୀ ଶୌଚାଳୟ ଗୋଧୂଳିବାସୀଙ୍କ କାମରେ ଲାଗୁନାହିଁ। ସୂଚନା ସମ୍ପୂର୍ଣ୍ଣ ହୋଇ ନ ଥିବା ବେଳେ ପୁରୁଷ ଓ ମହିଳାଙ୍କପାଇଁ ଅଲଗା ଅଲଗା ଶୌଚାଳୟ କରାଯାଇଛି। ହେଲେ ଦୀର୍ଘ ୨ ମାସ ହେବ ଏହା ତାଲା ପଡିରହିଛି। ପାଣି ଟାଙ୍କି ରହିଥିଲେ ମଧ୍ୟ ସଂଯୋଗ ହୋଇ ନ ଥିବାରୁ ଏହା କାମରେ ଲାଗୁ ନାହିଁ ଏନେଇ ଗ୍ରାମବାସୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି। ଏକପଟେ ପାଇଖାନା ନିର୍ମାଣ ଓ ମଳମୁକ୍ତ ୱାର୍ଡ ପାଇଁ ଏନଏସି ପକ୍ଷରୁ ଯୋରଦାର ଉଦ୍ୟମ ଚାଲିଛି। ହେଲେ ନିର୍ମାଣ ହୋଇ ପଡିରହିଥିବା ଏହି ଗୋଷ୍ଠୀ ଶୌଚାଳୟ ପ୍ରତି ଏନଏସି ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ତୁରନ୍ତ ଜଳ ଯୋଗାଣ କରାଯାଇ ଏହା କାର୍ଯ୍ୟକ୍ଷମ କରାଯିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।

# ଶବ୍ଦ ପ୍ରଦୂଷଣକାରୀ ବୁଲେଟରୁ ଜରିମାନା ଆଦାୟ


ଜବତ ହୋଇଥିବା ବୁଲେଟର ସାଇଲେନ୍ସର ବଦଳା ଯାଇଛି।

**ବଡବିଲ, ୯।୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡବିଲ ପୋଲିସ ବୁଧବାର ୫ଟି ଶବ୍ଦ ପ୍ରଦୂଷଣକାରୀ ବୁଲେଟକୁ ଜବତ କରି ଏମଭିଆଇଙ୍କ ଜରିଆରେ ୨୨ ହଜାର ୫ ଶହ ଟଙ୍କା ଜରିମାନା ଆଦାୟ କରିଛି। ମିଳିଥିବା ସୁଚନା ଅନୁଯାୟୀ, ବଡବିଲ ଅଞ୍ଚଳରେ ଗତ କିଛି ମାସ ହେଲା କେତେକ ବୁଲେଟରେ ସାଇଲେନ୍ସର ବଦଳାଇ ଅତ୍ୟଧିକ ଶବ୍ଦ ପ୍ରଦୂଷଣକାରୀ ସାଇଲେନ୍ସର ଲଗାଇ ବିକଟାଳ ରଡି କରି ଯାତାୟାତ ନେଇ ଅଭିଯୋଗ ହୋଇଆସୁଥିଲା। ଓଡି୦୯ଏମ୫୦୭୪, ଓଡି୦୯ସି୭୫୬୧, ଓଡି୦୯ସି୭୫୪୫, ଓଡି୦୯ଜି୩୯୪ ଏବଂ ଓଡି୦୯ଏ୬୨୪୭ ନମ୍ବର ବିଶିଷ୍ଟ ବୁଲେଟ ଗୁଡିକୁ ପୋଲିସ ବୁଧବାର ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢାଉ କରି ଜବତ କରି ଏମଭିଆଇଙ୍କ ଜରିଆରେ ଜରିମାନା କରାଯାଇଥିବା ଜଣାପଡିଛି। ଜରିମାନା ଆଦାୟ ପରେ ପ୍ରଦୂଷଣକାରୀ ସାଇଲେନ୍ସର ଗୁଡିକୁ ବଦଳି କରିବା ପରେ ବୁଲେଟ ଗୁଡିକୁ ଛଡାଯାଇଥିଲା। ତେବେ ଏହି ଧରପଗଡ ଆଗାମୀ ଦିନରେ ଜାରି ରହିବ ବୋଲି ଜଣାପଡିଛି।

# ନୂଆଗାଁରେ ପାନୀୟଜଳ ପ୍ରକଳ୍ପ ଅଚଳ, ଲୋକେ ହଇରାଣ

**ତେଲକୋଇ, ୯।୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ତେଲକୋଇ ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ପଞ୍ଚାୟତର ନୂଆଗାଁରେ ପାନୀୟଜଳ ସମସ୍ୟା ବୃଦ୍ଧି ପାଇଛି । ଜଳ ସମସ୍ୟାର ସମାଧାନ ପାଇଁ ଉକ୍ତ ଗ୍ରାମରେ ବୋରୱେଲ ମଧ୍ୟରେ ମେଶିନ ଲଗାଯାଇ ଉକ୍ତ ଗ୍ରାମର ୮ଶହ ପରିବାରର ୨ହଜାର ଲୋକଙ୍କ ଲାଗି ପାନୀୟଜଳ ଯୋଗାଣର ଯୋଜନା ୪ବର୍ଷ ପୂର୍ବରୁ କରାଯାଇଥିଲା । ଏଥିପାଇଁ ଗ୍ରାମରେ ପାଇପ ଓ ୨୧ଟି ଷ୍ଟାଣ୍ଡ ମଧ୍ୟ ନିର୍ମାଣ ହୋଇଥିଲା। ହେଲେ ଉକ୍ତ ଯୋଜନା ଆରମ୍ଭ ହୋଇ ନ ଥିବା ବେଳେ ଷ୍ଟାଣ୍ଡ ପୋଷ୍ଟ ଓ ପାଇପ ଫାଟି ରାସ୍ତାରେ ପଡିରହିଛି ।

ଏହି ଯୋଜନାରେ ଜଳ ଯୋଗାଣ ବିଭାଗ ପକ୍ଷରୁ ଏଥିପାଇଁ ୩୦ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟବରାଦ କରାଯାଇଛି । ଅନ୍ୟପକ୍ଷେ ଉକ୍ତ ଗ୍ରାମରେ ୮ଟି ନଳକୂପ ମଧ୍ୟରୁ ୫ଟି ଅଚଳ ଅବସ୍ଥାରେ ପଡିରହିଛି। ୩ଟି ନଳକୂପରୁ ନାଲି ପାଣି ବାହାରୁଥିବା ସତ୍ତ୍ୱେ ସେଥିରୁ ପାନୀୟଜଳ ସଂଗ୍ରହ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସ୍ଥାନୀୟ ସରପଞ୍ଚ ଦିନେଶ ପିଙ୍ଗୁଆଙ୍କ ସମେତ ଗ୍ରାମବାସୀ ବାରମ୍ବାର ଜଳ ଯୋଗାଣ ବିଭାଗ ଓ ବିଡିଓଙ୍କଠାରେ ଅଭିଯୋଗ କରି ବିଫଳ ହୋଇଥିବା ସରପଞ୍ଚ କହିଛନ୍ତି । ସେହିପରି ୱାର୍ଡମେମ୍ବର ପରମାନନ୍ଦ ମହାନ୍ତ, ଅଲେଖ ରାଉଳ, ଡମ୍ବରୁଧର ମହାନ୍ତ, ସିଙ୍ଗ ରାଇ ମୁଣ୍ଡା, ପଞ୍ଚାନନ ପୁର୍ତି, ଆର୍ତ୍ତତ୍ରାଣ ଦେହୁରୀ, ବରୁଣ ମହାନ୍ତଙ୍କ ସମେତ ଗ୍ରାମବାସୀ ଜିଲାପାଳଙ୍କୁ ଅଭିଯୋଗ କରିବା ସହିତ ପାନୀୟଜଳ ଯୋଗାଣ ଅବ୍ୟବସ୍ଥାକୁ ତୁରନ୍ତ ସମାଧାନ କରିବାକୁ ଦାବି କରିଛନ୍ତି। ଜଳ ଯୋଗାଣ ବିଭାଗର ଯନ୍ତ୍ରୀ ମୋରିସ ଡୁଙ୍ଗଡୁଙ୍ଗଙ୍କୁ ପଚାରିବାରୁ ସେ କହିଲେ ଯେ ପାନୀୟଜଳ ଯୋଗାଣ ପାଇଁ ଏବେ ପଞ୍ଚାୟତ ଅଧୀନକୁ ଅର୍ଥ ଦିଆଯାଉଛି । ତେବେ ଷ୍ଟାଣ୍ଡ ପୋଷ୍ଟ ଓ ପାଇପକୁ ରିପ୍ୟାରିଙ୍ଗ ପାଇଁ ମଧ୍ୟ ଅର୍ଥ ପଞ୍ଚାୟତକୁ ଦିଆଯାଇଛି । ସରପଞ୍ଚ ଦିନେଶ ପିଙ୍ଗୁଆଙ୍କ କହିବାନୁଯାୟୀ ପଞ୍ଚାୟତ ସରପଞ୍ଚ ଦାୟୀତ୍ୱ ନେବା ପୂର୍ବରୁ ଉକ୍ତ ଯୋଜନା କରାଯାଉଥିଲା । ତେବେ ଯୋଜନା ପରଠାରୁ ଏହା କାର୍ଯ୍ୟକ୍ଷମ ହୋଇପାରି ନ ଥିବା ଯୋଗୁଁ ଅଦ୍ୟାବଧି ନୂଆଁଗା ଗ୍ରାମବାସୀ ପାନୀୟଜଳ ଯୋଗାଣରୁ ବଞ୍ଚିତ ହୋଇଛନ୍ତି ।

### ନାବାଳିକାଙ୍କୁ ଉଦ୍ଧାର କଲା ବିଜୁ ଯୁବ ବାହିନୀ

**ଆନନ୍ଦପୁର, ୯। ୧(ସ୍ୱ.ପ୍ର.)**

ଆନନ୍ଦପୁର ଅଞ୍ଚଳରେ ବିଜୁ ଯୁବ ବାହିନୀର ସଦସ୍ୟମାନେ ବିଭିନ୍ନ ସମୟରେ ଜନସେବା ମୂଳକ କାର୍ଯ୍ୟକରି ପ୍ରଶଂସାର ପାତ୍ର ହୋଇ ସମ୍ମାନିତ ହେଉଥିବାବେଳେ ପୁଣି ଥରେ ଏହାର ପ୍ରମାଣ ଦେଇଛନ୍ତି। ଗତ ମଙ୍ଗଳବାର ମଧ୍ୟାହ୍ନ ସମୟରେ ଧାନ ଉସାଉଁଥିବାବେଳେ ସୁନ୍ଦୁରିଆ ଅଞ୍ଚଳର ଜଣେ ନାବାଳିକାଙ୍କ ପିନ୍ଧା ଲୁଗା ପଛପଟୁ ନିଆଁ ଲାଗିଯାଇଥିଲା। ନାବାଳିକା ଜଣଙ୍କ ଆହତ ହୋଇପଡ଼ିଥିଲେ। ଘଟଣାର ଖବରପାଇ ବାଉଁଶଗଡ ବିଜୁ ଯୁବ ବାହିନୀ ସୁନ୍ଦୁରିଆ ଅଞ୍ଚଳର ସଦସ୍ୟମାନେ ଏକ ଅଟୋ ସାହାଯ୍ୟରେ ଆହତ ନାବାଳିକାଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରି ଚିକିତ୍ସା ସୁବିଧା କରାଇଥିଲେ। ଖବରପାଇ ଆନନ୍ଦପୁର ଚାଇଲ୍ଡଲାଇନ୍ ଟିମ୍ ଚିକିତ୍ସାଳୟରେ ପହଞ୍ଚି ଆବଶ୍ୟକ ସହଯୋଗ କରିଥିଲେ। ବିଜୁ ଯୁବ ବାହିନୀ ପକ୍ଷରୁ ସଭାପତି ମାନସ ନାୟକ, ସମ୍ପାଦକ ଶୁଭଶ୍ରୀ ପ୍ରଧାନ, ଶରତ ଘଡେଇ ପ୍ରମୁଖ ସହାୟତା କରିଥିଲେ। ଘଟଣାର ଖବରପାଇ ବାଉଁଶଗଡ ସରପଞ୍ଚ ଦୟାନିଧି ଘଡେଇ, ତୋଫାନ ସାହୁ, ସତ୍ୟନାରାୟଣ ସାହୁ ଉପସ୍ଥିତ ରହି ମଧ୍ୟ ସାହାଯ୍ୟ କରିଥିଲେ।

### ‘ମୋ ବୁଥ ମୋ ଗୌରବ’ ଅଭିଯାନ

**ତେଲକୋଇ, ୯।୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ତେଲକୋଇ ବ୍ଲକ ମୁଖ୍ୟାଳୟର ହାଟ ପଡିଆଠାରେ ବ୍ଲକ କଂଗ୍ରେସ ପକ୍ଷରୁ ମୋ ବୁଥ ମୋ ଗୌରବ କାର୍ଯ୍ୟକ୍ରମରେ କଂଗ୍ରେସର ଶତାଧିକ କର୍ମୀ ସାମିଲ ହୋଇଥିଲେ। ବ୍ଲକ ପ୍ରଭାରୀ ରସାନନ୍ଦ ମହାନ୍ତି, ଜିଲା ରାଜୀବ ଗାନ୍ଧୀ ପରମର ସଭାପତି ସୁଦର୍ଶନ ପାଇକରାୟ ସମେତ ଆଶାୟୀ ପ୍ରାର୍ଥୀ ମୋହନ ଚରଣ ହେମ୍ବ୍ରମ, ଜିଲା କଂଗ୍ରେସ କମିଟିର ହରିଜନ ମୋର୍ଚ୍ଚାର ନେତ୍ରୀ ସୁକେଶୀନି ପାତ୍ର, ଆଇନଜୀବୀ ନାରାୟଣ ପ୍ରଧାନ, ଦିଲ୍ଲୀପ କୁମାର ସାହୁ, ଇନ୍ଦ୍ରମଣୀ ବେହେରା, ନୃସିଂହ କିଷାନ ସହ ବ୍ଲକ ପଦାଧିକାରୀ ସାମିଲ ହୋଇଥିଲେ।

■ ଅଲ ଇଣ୍ଡିଆ ମା’ ବାସୁଳୀ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ

# ୟୁ ଆଣ୍ଡ ମି ବାଲେଶ୍ୱର ଚାମ୍ପିୟନ

**ହାଟଡିହୀ, ୯।୧(ଡି.ଏନ୍.ଏ.)**


ଚାମ୍ପିୟନ ଦଳକୁ ଅତିଥି ୱିନିଂ ଚେକ୍ ପ୍ରଦାନ କରୁଛନ୍ତି।

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଆଞ୍ଚଳିକ ଯୁବ ପରିଷଦ ହାଟଡିହୀ ତରଫରୁ ସ୍ଥାନୀୟ ମଠ କପୁଣ୍ଡି ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ଅଲ ଇଣ୍ଡିଆ ମା’ ବାସୁଳୀ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ ଚତୁର୍ଥ ଦିନରେ ପହଞ୍ଚିଛି। ଚତୁର୍ଥ ଦିନ ଖେଳ ଝାରସୁଗୁଡା ପ୍ରୋଗ୍ରେସିଭ୍ ଆସୋସିଏସନ୍ ଓ ବାଲେଶ୍ୱର ୟୁ ଆଣ୍ଡ ମି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପୋଗ୍ରେସିଭ୍ ଆସୋସିଏସନ୍ ୨୪.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୭୮ ରନ୍ ସଂଗ୍ରହ କରିଥିଲା। ୟୁ ଆଣ୍ଡ ମି ୨୩.୩ ଓଭରରେ ୬ ଉଇକେଟ୍ ହରାଇ ୧୭୯ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଅମ୍ପାୟାର୍ ଭାବେ ଶାନ୍ତନୁ ରାଉତ ଓ ପଦ୍ମନାଭ ସାମଲ, ସ୍କୋରର ଭାବେ ଜ୍ୟୋତିରଞ୍ଜନ ଜେନା, ମଣ୍ଟୁ ଜେନା ଓ କାହ୍ନୁ ଚରଣ ଜେନା ଭାଷ୍ୟକାର ଭାବେ ଗଣେଶ କୁମାର କୁଅଁର, ସୁଧାଂଶୁ ଶେଖର ମହାନ୍ତି ଓ ସୁକାନ୍ତ ବେହେରା ଉପସ୍ଥିତ ଥିଲେ। ନନ୍ଦିପଦା ଥାନା ଅଧିକାରୀ ଦିବ୍ୟକାନ୍ତି ଲାକ୍ରା, ଆନନ୍ଦପୁର ମଡେଲ ସ୍କୁଲର ପ୍ରଭଞ୍ଜନ ପାଢୀ ଓ ଗଣେଶ୍ୱର ସୋରେନ ଅତିଥି ରୂପେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ପରିଷଦର ସଭାପତି ଚିନ୍ମୟ କୁମାର ନାୟକ, ସମ୍ପାଦକ ଚିତରଞ୍ଜନ ପାତ୍ର, ଉପଦେଷ୍ଟା ମନୋଜ ପାତ୍ର, ଦେବାଶିଷ ବାରିକ, ଧବଳ ପଟ୍ଟନାୟକ, ରଞ୍ଜନ କୁମାର ରାଉତ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ସାମାଜିକ କର୍ମୀ କଳ୍ପତରୁ ସେଠୀ, ବିଜୟ ମଲ୍ଲିକ, ଅମିୟ ରଞ୍ଜନ ନାୟକ, ରୁପକ ଜେନା, ବିପିନ ଜେନା, ପ୍ରଦୀପ ଜେନା,ଗୁଲୁ ପାଢୀ, ସନାତନ ବାରିକ, ଆଶିଷ ଦ୍ୱିବେଦୀ, ସତୀଶ୍ ଯାଦବ, ଧବଳେଶ୍ୱର ପଟ୍ଟନାୟକ, ରାକେଶ କୁଅଁର, ସଞ୍ଜୀବ ଜେନା, ରଙ୍ଗନାଥ ବାରିକ, ଲଲାଟେନ୍ଦୁ ଜେନା, ଓମପ୍ରକାଶ ନାୟକ, ଜିତନ ଧଳ, କାଳନ୍ଦୀ ନାୟକ, ଅଜୟ ବାରିକ, ମହିମା ବାରିକ ପ୍ରମୁଖ ଖେଳ ପରିଚାଳନାରେ ସହାୟତା କରିଥିଲେ।

■ ଚିକିତ୍ସା ପାଇଁ ଅର୍ଥ ନାହିଁ

# ସହାୟତା ଅପେକ୍ଷାରେ କାହ୍ନା

**କେନ୍ଦୁଝର, ୯।୧(ସ୍ୱ.ପ୍ର.)**


କ୍ୟାନସର ପୀଡିତ ଶିଶୁ।

କର୍କଟ ରୋଗର ମାଗଣାରେ ଚିକିତ୍ସା ପାଇଁ ସରକାର ବହୁ ପ୍ରକାରର ଚିକିତ୍ସା ବ୍ୟବସ୍ଥା କରିଛନ୍ତି। ତେବେ ଘଷିପୁରା ବ୍ଲକ ଖାଲିଆମେଣ୍ଟା ଅଞ୍ଚଳର ଜଣେ ଶିଶୁ ରକ୍ତ କର୍କଟ ରୋଗରେ ପୀଡିତ ହୋଇଥିଲେ ହେଁ ଚିକିତ୍ସା ସୁବିଧା ପାଉ ନ ଥିବାରୁ ପରିବାର ଲୋକ ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ନିବେଦନ କରିଛନ୍ତି।

ତାଙ୍କ ନାମ କାହ୍ନା। ନିଜର ପୁଅକୁ ବଞ୍ଚାଇବା ପାଇଁ ବାପା ତ୍ରିଲୋଚନ ରାଉତ ଜିଲାପାଳଙ୍କ ନିକଟରେ ଆକୁଳ ନିବେଦନ କରିଛନ୍ତି। ସେ ଏବେ କଟକ ବଡ ମେଡିକାଲର ହେମାଟୋଲୋଜି ବିଭାଗରେ ଚିକିତ୍ସିତ ହେଉଛନ୍ତି। ତାଙ୍କର ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିବାବେଳେ ପୁଅ ଏଭଳି ରୋଗରେ ପୀଡିତ ହେବା ଜଣାପଡିବା ପରେ ପରିବାର ଦୁଃଖରେ ଭାଙ୍ଗି ପଡିଯାଇଛନ୍ତି। ପୁଅର ଚିକିତ୍ସା ସହାୟତା ପାଇଁ ଜିଲାପାଳଙ୍କ ନିକଟକୁ ରୋଗାଗ୍ରସ୍ତ ପୁଅକୁ ଧରି ବହୁ ଆଶା ରଖି ଧାଇଁ ଆସିଥିବା କହିଛନ୍ତି। ତ୍ରିଲୋଚନ ଜଣେ ଦିନ ମଜୁରିଆ ଅଟନ୍ତି। ପରିବାର ପ୍ରତିପୋଷଣ କରିବା ସହ କାହ୍ନାଙ୍କ ଚିକିତ୍ସା ପାଇଁ ଅର୍ଥ ଯୋଗାଡ କରିବା ତାଙ୍କ ପାଇଁ ଅସମ୍ଭବ ହୋଇପଡିଛି। ଜୀବନକୁ ଭଲ ଭାବେ ଦେଖିବା ପୂର୍ବରୁ ଏଭଳି ରୋଗରେ ଶିଶୁଟି ଆକ୍ରାନ୍ତ ହେବା ନେଇ ସମସ୍ତେ ଦୁଃଖ ପ୍ରକାଶ କରି ସହାୟତାର ହାତ ବଢାଇବାକୁ ବିଭିନ୍ନ ମହଲରେ ନିବେଦନ କରାଯାଇଛି।

# କୃତୀ ଛାତ୍ରୀଛାତ୍ର ପୁରସ୍କୃତ

**କେନ୍ଦୁଝର, ୯।୧ (ସ୍ୱ.ପ୍ର.)**

ସ୍ଥାନୀୟ ଶିକ୍ଷାନୁଷ୍ଠାନ ସିଟିଜି ଫାଉଣ୍ଡେଶନର ୧୮ତମ ବାର୍ଷିକ ଉତ୍ସବ କାଳିପଡିଆ ଠାରେ ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପିଡି ଡିଆରଡିଏ ନୃସିଂହ ଚରଣ ସ୍ୱାଇଁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଛନ୍ତି। ଅନେକ କୃତୀ ବିଦ୍ୟାର୍ଥୀ ଏହି ଅନୁଷ୍ଠାନର ଉତ୍ତୀର୍ଣ୍ଣ ହୋଇ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଛନ୍ତି ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଉତ୍ସବରେ ମୁଖ୍ୟବକ୍ତାଭାବେ ବାରିପଦାସ୍ଥିତ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟର ବିଜନେସ ଆଡମିନିଷ୍ଟ୍ରେସନ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ସିତାରାମ ଦାସ ଯୋଗଦେଇ କେନ୍ଦୁଝର ପରି ଏକ ଜିଲାରେ ଗତ ୧୮ବର୍ଷ ଧରି ଶିକ୍ଷା ସମସ୍ୟାକୁ ସିଟିଜି ପକ୍ଷରୁ ଦୂର କରିପାରିଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥିଭାବେ ସୁନାମଧନ୍ୟ ସଙ୍ଗୀତ ନିର୍ଦ୍ଦେଶକ ମନୋଜ ମିଶ୍ର, କେନ୍ଦୁଝରଗଡ ପୌରପାଳିକା ପୂର୍ବତନ ନଗରପାଳ ଡାକ୍ତର ଉଦୟନାଥ ସାହୁ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ଶତାବ୍ଦୀ’ର ନିର୍ଦ୍ଦେଶକ ସଂଗ୍ରାମ ଦାସ ଯୋଗଦେଇ ସିଟିଜିରେ କେବଳ କେନ୍ଦୁଝର ଜିଲା ନୁହେଁ, ପଡୋଶୀ ଜିଲାର ଛାତ୍ରୀଛାତ୍ରମାନେ ମଧ୍ୟ ଆକୃଷ୍ଟ ହୋଇ ଏଠାରେ ଶିକ୍ଷା ଗ୍ରହଣ କରୁଛନ୍ତି ବୋଲି ପ୍ରକାଶ କରିଥିଲେ। ସିଟିଜିର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ରାଜେନ୍ଦ୍ର କୁମାର ପଲେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଧ୍ୟାପିକା ପୂଜା ଅର୍ଚ୍ଚନା ମିଶ୍ର ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଟିଜିର ମାର୍ଗଦର୍ଶକ ଭଗବାନ ପଲେଇ ଓ ସୁଭଦ୍ରା ପଲେଇ ଉପସ୍ଥିତ ଥିଲେ। କଲେଜର ଉପାଧ୍ୟକ୍ଷ କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ସଂଯୋଜନାରେ ସିଟିଜି ପ୍ରତିଭା ସମ୍ମାନ ୨୦୧୮ ପାଇଁ ବରିଷ୍ଠ ଚିକିତ୍ସକ ଡାକ୍ତର ଉଦୟନାଥ ସାହୁ ଓ ସିଟିଜି ରତ୍ନ ୨୦୧୮ ପାଇଁ ସୁନାମଧନ୍ୟ ସଂଗୀତ ନିର୍ଦ୍ଦେଶକ ମନୋଜ ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ସିଟିଜିର ମୁଖପତ୍ର ‘ଲକ୍ଷ୍ୟ’ ଉନ୍ମୋଚିତ ହୋଇଥିବାବେଳେ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଅଧ୍ୟାପକ ଦୁର୍ଲ୍ଲଭ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିବାବେଳେ ମିସ୍ ସିଟିଜି ଓ ମିଷ୍ଟର ସିଟିଜିଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଫ୍ୟାଶନ ସୋ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଦ୍ୱିତୀୟ ଦିନରେ ବନ୍ଦର ପ୍ରଭାବ

**ଯୋଡା, (ଡି.ଏନ୍.ଏ.)**

କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ନୀତି ଓ ଆକାଶଛୁଆଁ ଦରବୃଦ୍ଧି ବିରୋଧରେ ଏଆଇଟିୟୁସି ପକ୍ଷରୁ ଦୁଇ ଦିନ ଧରି ଭାରତବନ୍ଦ ଡାକରା ଦିଆଯାଇଛି । ଏହି ଭାରତ ବନ୍ଦର ଦ୍ୱିତୀୟ ଦିନରେ ମଧ୍ୟ ଯୋଡାରେ ଏଆଇଟିୟୁସି ପକ୍ଷରୁ ବନ୍ଦକୁ ସଫଳ କରାଯାଇଛି । ଏଆଇଟିୟୁସିର ଶ୍ରମିକ ନେତା ମହେଶ୍ୱର ରାଉତ କେନ୍ଦୁଝରରେ ଏହାକୁ ସଫଳ କରିବା ପାଇଁ ଆହ୍ୱାନ କରିଛନ୍ତି। ଏହି ଧର୍ମଘଟରେ ଜରୁରୀକାଳୀନ ସେବା ଆମ୍ବୁଲାନ୍ସ, ପାଣି ଟ୍ୟାଙ୍କର, କ୍ଷୀର, ଖବରକାଗଜ, ଶିଶୁ ଓ ମହିଳାଥିବା ଗାଡି, ପରୀକ୍ଷାର୍ଥୀ, ପୋଲିସ ଗାଡି ଚଳାଚଳ ସ୍ୱାଭାବିକ ରହିଥିବା ବେଳେ, ଖଣି କାର୍ଯ୍ୟାଳୟ, ସରକାରୀ ଓ ବେସରକାରୀ ଅନୁଷ୍ଠାନ, ବ୍ୟବସାୟିକ ସଂସ୍ଥା ଓ ଅନ୍ୟାନ୍ୟ ପରିବହନ ଗାଡିଗୁଡିକ ବନ୍ଦ ରହିଥିଲା। ଯୋଡାଠାରେ ଏଆଇଟିୟୁସିର ଜିଲା ସାଧାରଣ ସମ୍ପାଦକ ମହେଶ୍ୱର ରାଉତ, ଯୋଡା ଟାଉନ୍ ସମ୍ପାଦକ କୈଳାସ ସ୍ୱାଇଁ, ସହସମ୍ପାଦକ କପୀଳ ମହାନ୍ତି, କାହ୍ନୁଚରଣ ସାମଲଙ୍କ ନେତୃତ୍ୱରେ ଏହି ବନ୍ଦ କରାଯାଇଥିଲା । ଶାନ୍ତି ଶୃଙ୍ଖଳାର ସହିତ ଅଞ୍ଚଳରେ ଧର୍ମଘଟକୁ ସଫଳ କରାଯାଇଥିଲା ।


ହରତାଳକାରୀମାନେ ଝଣ୍ଡା ଧରି ବାଇକ୍ ରାଲିରେ ସାମିଲ ହୋଇଛନ୍ତି।

**ବଡ଼ବିଲ, (ସ୍ୱ.ପ୍ର.)**

ଦୁଇ ଦିନିଆ ବନ୍ଦ ଡାକରାରେ ମଙ୍ଗଳବାର ସଫଳତାର ସହ ବଡବିଲ ଅଞ୍ଚଳରେ ହରତାଳ ସଫଳତା ଲାଭ କରିଥିବାବେଳେ ଦ୍ୱିତୀୟ ଦିନରେ ଭାରୀଯାନ, ଯାତ୍ରୀବାହୀ ବସ୍ ଚଳାଚଳ ବନ୍ଦ ରହିଥିଲା। ଚାରି ଚକିଆ ଯାନ ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିବା ଦେଖିବାକୁ ମିଳିଛି। ବନ୍ଦ ଯୋଗୁଁ ବିଭନ୍ନ ଗନ୍ତବ୍ୟ ସ୍ଥଳକୁ ଯିବାକୁ ବାଇକ ଉପରେ ନିର୍ଭରଶୀଳ ହୋଇଥିବା ଦେଖିବାକୁ ମିଳିଛି। ସମସ୍ତ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନ, କାର୍ଯ୍ୟାଳୟ, ଶିଳ୍ପାନୁଷ୍ଠାନ, ଖଣି, ଦୋକାନ, ବଜାର, ପେଟ୍ରୋଲ ପମ୍ପ, ବ୍ୟାଙ୍କ ଆଦି ବନ୍ଦ ଥିଲା। ଦ୍ୱିତୀୟ ଦିନ କାର୍ଯ୍ୟାଳୟ ସମୟରେ ବଡବିଲ ଜେଏମଏଫସି କୋର୍ଟ ଖୋଲିଥିବାବେଳେ ଏଆଇଟିୟୁସି ନେତା କପିଳ ପ୍ରସାଦ ମହାନ୍ତିଙ୍କ ନେତୃତ୍ୱରେ ହରତାଳକାରୀମାନେ ପହଞ୍ଚି ପିକେଟିଂ କରି କର୍ମଚାରୀମାନଙ୍କୁ କୋର୍ଟ ପରିସର ବାହାରକୁ ଆସିବାକୁ ବାଧ କରିଥିଲେ। ଅର୍ଥନୈତିକ ଅବରୋଧ ଯୋଗୁଁ ବିଭିନ୍ନ ଖଣିରୁ ଖଣିଜ ପରିବହନ ବନ୍ଦ ରହିଥିବାରୁ ସରକାରଙ୍କ ସହ ବିଭିନ୍ନ କମ୍ପାନୀ ଗୁଡିକର ହଜାର ହଜାର ଟଙ୍କା କ୍ଷତି ଘଟିଥିବା ଜଣାପଡିଛି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବିଭିନ୍ନ ଛକସ୍ଥାନ ମାନଙ୍କରେ ଫୋର୍ସ ମୁତୟନ କରାଯିବା ସହ ଅହରହ ପାଟ୍ରୋଲିଂ ଜାରି ରହିଥିଲା। ତେବେ ଯାତ୍ରୀବାହୀ ରେଳ ଚଳାଚଳ ଚାଲୁ ରହିଥିଲେହେଁ ଗାଡି ନ ଥିବା ଯୋଗୁଁ ଲୋକେ ଷ୍ଟେଶନରୁ ଚାଲିଚାଲି ଆସୁଥିବା ଦେଖିବାକୁ ମିଳିଛି। ସେହିପରି ରାଇସୁଆଁରେ ମଧ୍ୟ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ଆନ୍ଦୋଳନକାରୀମାନେ ପିକେଟିଂ କରି ରାସ୍ତା ଅବରୋଧ କରିଥିଲେ। ବହୁ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।